## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୯।୨୦୨୩

| | |
|---|---|
| ୪,୯୧,୦୪୧ ଟଙ୍କା | |
| ସୁନା | ୪୦୦ ଗ୍ରାମ୍ |
| ରୁପା | ୧୫.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଷ୍ଟେଟ୍ ପେସା ଗ୍ରାମ ସଭା କୋ-ଅର୍ଡିନେଶନ କମିଟିର ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ମାଗଣା ଭୂମି ପ୍ରମାଣପତ୍ର ବଣ୍ଟନ ଦାବିରେ ବସ୍ତି ବାସିନ୍ଦାଙ୍କ ଗଣଧାରଣା, ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘର ଗଣବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଡିଲାଇଟ୍ ଏଣ୍ଟରଟେନ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶାରଳା ସ୍ମାରକ ପକ୍ଷରୁ ଗଣେଶ ପରିଜା ସ୍ମାରକୀ ବକ୍ତୃତା ଓ ସମ୍ମାନ ପ୍ରଦାନ ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ଡିଜିଟାଲ ପ୍ଲାଟ୍‌ଫର୍ମ୍‌ରେ ରହିବ ଜନଜାତି ଭାଷା, ସଂସ୍କୃତି

## ଆଦିବାସୀଙ୍କ କାହାଣୀ ଲେଖିବେ ଆଦିବାସୀ

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ଡିଜିଟାଲ ପ୍ଲାଟ୍‌ଫର୍ମରେ ସ୍ଥାନିତ ହେବ ଜନଜାତି ଲେଖକ ଲେଖିକାଙ୍କ ଦ୍ୱାରା ଅପ୍ରକାଶିତ ପାଣ୍ଡୁଲିପି। ଡିଜିଟାଲ ମାଧ୍ୟମରେ ଡାଉନଲୋଡ୍ କରି ଗବେଷକ ଜନଜାତିଙ୍କ ତଥ୍ୟାବଳୀ ପାଇପାରିବେ। ଏଥିସହ ଜନଜାତି ନିଜେ ନିଜର ପରମ୍ପରା, ସଂସ୍କୃତି, ଅର୍ଥନୀତି, ବିଜ୍ଞାନ, କଳା, ଦର୍ଶନ ଓ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରାଇ ପାରିବେ। ଏନେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଆଦିବସୀ ଭାଷା ସଂସ୍କୃତି ଏକାଡେମୀ (ଏଟିଏଲ୍‌ସି) ପକ୍ଷରୁ ଜନଜାତି ଲେଖକ ଲେଖିକାଙ୍କୁ ନେଇ ୪ଦିନିଆ ଜନଜାତି ଲେଖକ ସମ୍ମିଳୀନ ଉଦ୍‌ଘାଟିତ ହୋଇଛି। ୨୮ ତାରିଖ ଯାଏ ଅନୁସୂଚିତ ଜାତି ଓ ଜନଜାତି ଅନୁସନ୍ଧାନ ଏବଂ ତାଲିମ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ସମ୍ମିଳନୀ କକ୍ଷରେ ଏହା ଚାଲିବ। ପ୍ରଥମ ଦିନକୁ ବିଭାଗୀୟ କମିଶନର ରୂପା ରୋଶନ




୪ଦିନିଆ ଜନଜାତି ଲେଖକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଜନଜାତି ଲେଖିକାଲେଖକ ଓ ଅନ୍ୟମାନେ।

ସାହୁ ଉଦ୍‌ଘାଟନ କରି ସାନ୍ତାଳୀ, ମୁଣ୍ଡାରୀ, ବିନ୍ ଝାଲ୍ ଭାଷାର ଲେଖିକା ଲେଖକଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କ ଭାଷା, ସଂସ୍କୃତି, ସାହିତ୍ୟ, ବିଜ୍ଞାନ, ଦର୍ଶନ ଓ ଜ୍ଞାନକୌଶଳକୁ ବୃହତ୍ତର ସମାଜ ପାଖରେ ପହଞ୍ଚାଇବାରେ ବିଭାଗ ନେଉଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଡିଜିଟାଲ୍ ପ୍ଲାଟଫର୍ମରେ ରଚନାବଳୀକୁ ସ୍ଥାନିତ କରିବା ପାଇଁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏକ ପ୍ରକାଶନ କେନ୍ଦ୍ର ଭାବେ କାମ କରିବ। ଏହା ଜନଜାତି ଭାଷା ଓ ସଂସ୍କୃତିର ବିକାଶରେ ସହାୟକ ହେବ ବୋଲି ବିଭାଗୀୟ କମିଶନର କହିଥିଲେ। ପ୍ରଥମ ଦିନରେ ୨୦ଜଣ ପ୍ରତିଷ୍ଠିତ ଲେଖିକା ଲେଖକ ଯୋଗ ଦେଇଥିଲେ। ସମ୍ମିଳନୀରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ତଥା ଏଟିଏଲ୍‌ସି ସଦସ୍ୟ ସଚିବ ଇନ୍ଦ୍ରମଣୀ ତ୍ରିପାଠୀ, ଏକାଡେମୀ ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ, ଗବେଷଣା ସହାୟକ ଡ. ସଂଯୁକ୍ତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀକୁ ଡ. ପରମାନନ୍ଦ ପଟେଲ ପରିଚାଳନା କରିଥିଲେ।



ଓଡ଼ିଶା ନାଟ୍ୟସଂଘ ପକ୍ଷରୁ ସୋମବାରଠାରୁ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଜାଗୃତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଏଟରର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ଶେଷ ପାହାଚ'ର ଏକ ଦୃଶ୍ୟ। (ଫଟୋ- ମୌସମ ନନ୍ଦ)

# ଅଲୋଡ଼ା ମଣିଷର ବ୍ୟଥା ବଖାଣିଲା 'ଶେଷ ପାହାଚ'

## ଆରମ୍ଭ ହେଲା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର, ୨୫।୯(ବନ୍ଦନା ସେଠୀ)

ବୟସର ଅପରାହ୍ନରେ ପହଞ୍ଚିବା ପରେ ଅଲୋଡ଼ା ହୋଇପଡନ୍ତି ଆପଣାର ଲୋକ। ମିଳିବାର ଆଶା ମଉଳି ଯିବାପରେ ସେ ଅଦରକାରୀ ପାଲଟିଯାଆନ୍ତି। ଏହିପରି ଜୀବନର ଶେଷ ପାହାଚରେ ଠିଆ ହୋଇ ବଞ୍ଚିବାର ରାହା ଖୋଜୁଛନ୍ତି ୭ଜଣ ବୟସ୍କ ବ୍ୟକ୍ତି। ସେମାନଙ୍କଠାରୁ କାହାର କିଛି ପାଇବାର ନାହିଁ। ସମୟକ୍ରମେ ଏହି ୭ଜଣ ଏକାଠି ହୋଇ ଗୋଟିଏ ସ୍ଥାନରେ ରହୁଛନ୍ତି ଏବଂ ତା'ର ନାଁ ଦେଇଛନ୍ତି ବାନପ୍ରସ୍ଥ। ଅସହାୟ ହୋଇ ସେମାନେ ସେଠାରେ ଏପରି ଜଣକୁ ଖୋଜୁଛନ୍ତି ଯିଏ ତାଙ୍କୁ ବଞ୍ଚିବାର ରାହା ଦେଖାଇବ। ଏଭଳି ସମୟରେ ତାଙ୍କ ଜୀବନକୁ ରୁଦ୍ର ସେନାପତି ନାମକ ଜଣେ ଯୁବକ ଆସିଛନ୍ତି। ସୂର୍ଯ୍ୟାସ୍ତ ଦେଖିବା ପୂର୍ବରୁ ରୁଦ୍ର ଭିତରେ ନୂଆ ସୂର୍ଯ୍ୟୋଦୟ ଦେଖନ୍ତି ସେମାନେ। ଜୀବନ ଯୁଦ୍ଧରେ ହାରି ଯାଇଥିବା ଏହି ୭ଜଣଙ୍କ ଭିତରେ ପୁଣି ଥରେ ଆଶା ସଞ୍ଚାର ହୁଏ। ତେବେ ହଠାତ୍ ଦିନେ ରୁଦ୍ର ଉଭାନ୍ ହୋଇଯାଆନ୍ତି। ତା' ସହିତ ଜଣଙ୍କ ସୁନାଚେନ୍ ମଧ୍ୟ ଗାଏବ ହୋଇଯାଏ। ରୁଦ୍ର କାହିଁକି ଓ କୁଆଡେ ଗଲା, ସୁନାଚେନ୍ କିଏ ନେଲା ଓ ସେହି ୭ଜଣ ବୟସ୍କ ବ୍ୟକ୍ତିଙ୍କର କ'ଣ ହେଲା ? ଅଲୋଡା ମଣିଷର ଏପରି ବ୍ୟଥାକୁ ବଖାଣିଲା ନାଟକ 'ଶେଷ ପାହାଚ'। ଓଡ଼ିଶା ନାଟ୍ୟସଂଘର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସୋମବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପଠାରେ ପ୍ରଦର୍ଶିତ ହୋଇଥିଲା ଏହି ନାଟକ। ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଏଟରର କଳାକାରମାନେ ଏହାକୁ ପରିବେଷଣ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଅଜିତ୍ ଦାସ। ନାଟ୍ୟକାର ଡ. ବିଜୟ ମିଶ୍ରଙ୍କ ନାଟକରେ ସଂଗୀତ ଦେଇଥିଲେ ରାଜେନ୍ଦ୍ର ଓ କୈଳାସ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ, ଏକାଡେମୀ ସଦସ୍ୟ ପ୍ରଫେସର ସମର ମୁଦୁଲି, ଓଡ଼ିଶା ନାଟ୍ୟ ସଂଘ ଉପଦେଷ୍ଟା ମିହିର କୁମାର ମେହେର, ଉପସଭାପତି ଜିତେନ୍ଦ୍ର ପଟ୍ଟନାୟକ ଏବଂ ଜଏଣ୍ଟ ସେକ୍ରେଟାରୀ ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରପଡ଼ା ଜେଲ୍‌ର ତତ୍କାଳୀନ ଜେଲରଙ୍କ ନାଁରେ ଏତଲା

# ଜେଲ ଭିତରେ ବିଚାରାଧୀନ କଏଦୀଙ୍କୁ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର,୨୫।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଜଣେ ବିଚାରାଧୀନ କଏଦୀଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ଜାମିନରେ ମୁକୁଳିଥିବା ସୁନିଲ କୁମାର ରଥ ଏନେଇ ଝରପଡ଼ା ଜେଲ୍‌ର ତତ୍କାଳନୀ ଜେଲର ସନ୍ତୋଷିନୀ ଦାସଙ୍କ ବିରୋଧରେ ସୋମବାର ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ସୁନିଲ ଏକ ମାମଲାରେ ଗିରଫ ହୋଇ ନିମାପଡ଼ା ସବ୍ ଜେଲରେ ଥିଲେ। ଲକ୍ଷ୍ମୀସାଗର ଥାନାରେ ତାଙ୍କ ନାମରେ ଥିବା ଅନ୍ୟଏକ ମାମଲାରେ ଅଗଷ୍ଟ ୧୦ରେ ରିମାଣ୍ଡରେ ଅଣାଯାଇଥିଲା। ୨ ପୋଲିସ କର୍ମଚାରୀ ସୁନିଲଙ୍କୁ ଭୁବନେଶ୍ୱର କୋର୍ଟରୁ ଆଣି ଝାରପଡ଼ା ଜେଲ ନେଇଯାଇଥିଲେ। ସନ୍ତୋଷିନୀ ଉକ୍ତ ଦୁଇ ପୋଲିସ କର୍ମଚାରୀଙ୍କୁ ଟଙ୍କା ଦେଇ ବାହାରକୁ ପଠାଇ ଦେଇଥିଲେ। ସେଠାରେ ସନ୍ତୋଷିନୀ ଓ ଅନ୍ୟ ୧୨ଜଣ କର୍ମଚାରୀ ମିଶି ତାଙ୍କୁ ୩ଘଣ୍ଟା ଧରି ମାଡ଼ ମାରିଥିଲେ। ସନ୍ତୋଷନୀଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗକୁ ଉଠାଇନେବାକୁ ଧମକ ଦେଇଥିଲେ ବୋଲି ସୁନିଲ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ତେବେ ଏ ନେଇ ସନ୍ତୋଷିନୀ କହିଛନ୍ତି, ଏହା ସମ୍ପୂର୍ଣ୍ଣ ମିଛ ଅଭିଯୋଗ। ଏତଲାକାରୀ ସୁନିଲ ୨୦୧୩ରୁ ଏକାଧିକ ମାମଲାରେ ଗିରଫ ହୋଇ ବିଭିନ୍ନ ଜେଲରେ ରହି ଆସୁଛନ୍ତି। ସୁନିଲଙ୍କ ନାମରେ ସେ ପୂର୍ବରୁ ଠକେଇ ମାମଲା କରିଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଏପରି ଅଭିଯୋଗ କରିଥିବା ସନ୍ତୋଷିନୀ କହିଛନ୍ତି।

# ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀର ନୂଆ ସଚିବ



**ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ):** ବଦଳିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ। ବରିଷ୍ଠ ପ୍ରଶାସକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ନୂଆ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏନେଇ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୨୧୭୬ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁବୋଧ ଏବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉ ଥିବାବେଳେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏକାଡେମୀର ସଚିବ ଭାବେ କାର୍ଯ୍ୟ କରିବେ। ପୂର୍ବରୁ ପ୍ରବୋଧ ରାଉତ ଏକାଡେମୀର ସଚିବ ଥିବାବେଳେ ତାଙ୍କ ପରଲୋକ ପରେ ସୁଚିସ୍ମିତା ମନ୍ତ୍ରୀଙ୍କୁ ଭାରପ୍ରାପ୍ତ ଭାବେ ଦାୟିତ୍ୱ ଦିଆଯାଇଥିଲା।

# ନନ୍ଦନକାନନରେ କଳା ରାଜହଂସ ମୃତ

**ବାରଙ୍ଗ,୨୫।୯(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀଉଦ୍ୟାନର ୭୫ନମ୍ବର (ଖ) ଏନ୍‌କ୍ଲୋଜରରେ ରହୁଥିବା ଏକ ଅଣ୍ଡିରା କଳାରାଜହଂସର ରବିବାର ମୃତ୍ୟୁ ଘଟିଛି। ତେବେ ହଂସଟି ଏନ୍‌କ୍ଲୋଜରରେ ଠିକ ଭାବେ ବିଚରଣ କରୁଥିବାବେଳେ ହଠାତ୍ କିପରି ମୃତ୍ୟୁ ଘଟିଲା ତାକୁ ନେଇ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଶବବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଚିକିତ୍ସକ କହିଛନ୍ତି। ଏହି ହଂସର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ଅଷ୍ଟ୍ରେଲିଆ ଓ ତାସମାନିଆର ଆର୍ଦ୍ରଭୂମି ଏହି ପ୍ରଜାତିର କଳାରାଜହଂସଙ୍କ ନିବାସସ୍ଥଳୀ। ମାଈ କଳା ରାଜହଂସମାନେ ଗଭୀରହ୍ରଦ ମଧ୍ୟରେ ଥିବା ବଡ଼ ମାଟିକୁଦରେ ବସାବାନ୍ଧି ଶାବକ ଜନ୍ମ ଦେଇଥାନ୍ତି। ଉଭୟ ଦମ୍ପତି ଶାବକର ଲାଳନପାଳନ କରନ୍ତି। ହଂସଠାରୁ ହଂସୀ ଆକୃତିରେ ସାନ ଦେଖାଯାଆନ୍ତି।

# ଯୁବ ଛାୟା ସଂସଦରେ ତମାଖୁ ନିୟନ୍ତ୍ରଣ ଚିନ୍ତା

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ପିଲା ଓ ଯୁବପିଢ଼ି ଉପରେ ତମାଖୁର ପ୍ରଭାବ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ଚିନ୍ତା ବଢ଼ିଥିବାବେଳେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍‌ସ କଲ୍‌ଚରାଲ୍ ସେଣ୍ଟର (ପିକକ୍) ଓ କୋଆଲିସନ୍ ଫର୍ ଟବାକୋ ଫ୍ରି ଓଡିଶା ପକ୍ଷରୁ 'ତମାଖୁ ବ୍ୟବହାର ହ୍ରାସ କରି ଜନସ୍ୱାସ୍ଥ୍ୟରେ ଉନ୍ନତି' ଉପରେ ଯୁବ ଛାୟା ସଂସଦର ଆୟୋଜନ କରାଯାଇଥିଲା। ସୋମବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇ ଯୁବକଙ୍କ ମଧ୍ୟରେ ତମାଖୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ବିପଦକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବକମାନେ ଆମ ଦେଶର ଭବିଷ୍ୟତକୁ ପ୍ରତିନିଧିତ୍ୱ କରନ୍ତି। ସେମାନଙ୍କ ସୁସ୍ଥ ଏବଂ ତମାଖୁମୁକ୍ତ ଭବିଷ୍ୟତ ନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ। ତେଣୁ ସେମାନଙ୍କୁ ଏହି କ୍ଷତିକାରକ ନିଶାଠାରୁ ରକ୍ଷା କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ନିତାନ୍ତ ଆବଶ୍ୟକ ବୋଲି ଏମ୍‌ପି କହିଥିଲେ। ଏମ୍‌ପି ସୁଲତା ଦେଓ ଯୋଗଦେଇ କହିଲେ, ତମାଖୁ କେବଳ ବ୍ୟକ୍ତିବିଶେଷଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉ ନାହିଁ। ଏହା ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି। ଏହାଦ୍ୱାରା ଦେଶରେ ପ୍ରଗତିରେ ବାଧା ସୃଷ୍ଟି ହେଉଛି। ଯୁବକଙ୍କ ମଧ୍ୟରେ ତମାଖୁ ସେବନକୁ ମୁକାବିଲା କରିବା ଏବଂ ସେମାନଙ୍କ ପାଇଁ ଉଜ୍ଜ୍ୱଳ ତଥା ସୁସ୍ଥ ଭବିଷ୍ୟତ ନିଶ୍ଚିତ କରିବାକୁ ଆମେ ମିଳିତ ଭାବରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତ ରଖିଥିଲେ।

ଯୁବ ଛାୟା ସଂସଦରେ ଓଟିଟି ପ୍ଲାଟ୍‌ଫର୍ମରେ ଧୂମପାନ ବିରୋଧୀ ଚେତାବନୀ ପ୍ରଦର୍ଶନ ପାଇଁ ନୂତନ ନିୟମ ପ୍ରଣୟନ କରି ଥିବାରୁ ସରକାରଙ୍କୁ ପ୍ରଶଂସା କରାଯାଇଥିଲା। ଏଥିସହ ସର୍ବସାଧାରଣ ସ୍ଥାନଗୁଡିକୁ ତମାଖୁ ମୁକ୍ତ କରିବା ପାଇଁ କୋଟ୍‌ପା-୨୦୦୩ ଆଇନକୁ ଅଧିକ ଦୃଢୀଭୂତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଅଣାଯାଇଥିଲା। ଏହାବାଦ୍ ତମାଖୁ ସହିତ ଜଡିତ ବିଭିନ୍ନ ବିଷୟ ଯଥା ସେକେଣ୍ଡ ହାଣ୍ଡ ଧୂମପାନ ଏବଂ ତମାଖୁ ଦ୍ରବ୍ୟ ବିକ୍ରି ପାଇଁ ସର୍ବନିମ୍ନ ବୟସକୁ ୨୧ ବର୍ଷକୁ ବୃଦ୍ଧି କରିବାର ଆବଶ୍ୟକତା, ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ ସ୍ଥାନରେ ବିଜ୍ଞାପନ ପ୍ରଦର୍ଶନ ଉପରେ ପ୍ରତିବନ୍ଧକ ଲଗାଇବା ଆଦି ଉପରେ ଆଲୋଚନା କରାଯାଇଥିଲା। ବିଧାୟକ ଅନନ୍ତ ନାରାୟଣ ଜେନା, ସୁପ୍ରିମକୋର୍ଟ ଆଡ୍‌ଭୋକେଟ୍ ରଞ୍ଜିତ ସିଂ, ଡ. ଜି ଏସ୍ ମିଶ୍ର ଏବଂ ସିଟିଏଫ୍‌କେ ଅନୁପ୍ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଚେୟାରମ୍ୟାନ୍ ଡ଼. ମୀନାକ୍ଷୀ ପଣ୍ଡା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ସୋମବାର ତମାଖୁକୁ ନେଇ ଅନୁଷ୍ଠିତ ଯୁବ ଛାୟା ସଂସଦ। (ଫଟୋ-ମନୋରଞ୍ଜନ ମିଶ୍ର)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ତିଲକ



@ ଧନେଶ୍ୱର



@ ଆଦିତ୍ୟ



@ ମନୋଜ



@ ଜୀବନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୩ରେ ଓଡ଼ିଶା ବନ୍ଦ ଡାକରା ସ୍ଥଗିତ

## ଶ୍ରୀଜଗନ୍ନାଥ ସେନା- ପ୍ରଶାସନ ମଧ୍ୟରେ ଆଲୋଚନା

ପୁରୀ,୨୫।୯(ଅଜିତ ମହାନ୍ତି)

ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ଖୋଲାଯିବା ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆସନ୍ତା ୩ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ତେବେ ଏନେଇ ସୋମବାର ପୁଣିଥରେ ଶ୍ରୀଜଗନ୍ନାଥ ସେନା ଏବଂ ଜିଲା ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଛି। ଆଲୋଚନା ପରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଓଡ଼ିଶା ବନ୍ଦ ଡାକରାକୁ ରାଜ୍ୟବାସୀଙ୍କ ଭଲ ପାଇବା ଓ ସମର୍ଥନକୁ ଦେଖି ପୁରୀ ଜିଲାପାଳ ଆଲୋଚନା କରିବାକୁ ବାଧ ହୋଇଥିଲେ। ସେହିପରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନେ ଶ୍ରୀମନ୍ଦିର ଚାରିପାଖ ବୁଲି ନିରୀକ୍ଷଣ କରିଥିଲେ। କାର୍ଯ୍ୟ ଚାଲିଥିବାରୁ ବଡ଼ ବଡ଼ ଗାତ ରହିଛି। ଫଳରେ ଭକ୍ତମାନେ ଯିବା ଆସିବା କଲେ ସମସ୍ୟା ଉପୁଜିବ। ଭକ୍ତଙ୍କ ଧନ ଜୀବନ କ୍ଷୟ ହେବାର ଆଶଙ୍କା ରହିଛି। ତେଣୁ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ କାର୍ଯ୍ୟ ସମ୍ପନ୍ନ ପରେ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯିବ ବୋଲି ଜିଲାପାଳ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିକ୍ରମା ମାର୍ଗ କାର୍ଯ୍ୟ ଶେଷ ହେବା ପରେ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯିବା ନେଇ ଲିଖିତ ପ୍ରତିଶ୍ରୁତିକୁ ଆଧାର କରି ଆସନ୍ତା ୩ ତାରିଖରେ ହେବାକୁ ଥିବା ବନ୍ଦକୁ କାର୍ଯ୍ୟଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। କାର୍ଯ୍ୟ ସରିବା ପରେ ଯଦି ଚାରିଦ୍ୱାର ଖୋଲା ନ ଯାଏ, ତେବେ ପୁନଶ୍ଚ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବନ୍ଦ ଡାକରା ଦିଆଯିବ। ସେହିପରି ହାଇକୋର୍ଟରେ ରତ୍ନଭଣ୍ଡାର ମାମଲା ବିଚାରାଧୀନ ଥିବାରୁ ରାୟ ଆସିବା ପରେ ଯାହା ନିଷ୍ପତ୍ତି ହେବ ସେହି ଅନୁଯାୟୀ କାର୍ଯ୍ୟ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେଣୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମଙ୍ଗଳବାର ଦୀପଦାନ କରାଯିବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କାର୍ଯ୍ୟ ସରିବା ପରେ ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରି ଚାରିଦ୍ୱାର ଖୋଲାଯିବା ନିଷ୍ପତ୍ତି ନିଆଯିବ। ରତ୍ନଭଣ୍ଡାର ମାମଲା କୋର୍ଟରେ ଥିବାରୁ ତାହା ଉପରେ କିଛି କହିବା ଠିକ୍ ହେବ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୬ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ଏନ୍‌ଆର୍‌ଟିଏସ୍ ପରୀକ୍ଷାରେ ୫ ଛାତ୍ରୀଛାତ୍ର ଅନୁପସ୍ଥିତ

ବେଗୁନିଆ,୨୫।୯(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ନ୍ୟାଶନାଲ ରୁରାଲ ଟାଲେଣ୍ଟ ସ୍କଲାରଶିପ୍ (ଏନ୍‌ଆର୍‌ଟିଏସ୍)ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳନାରେ ଏହି ବ୍ଲକର ୨୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ସ୍ଥିର କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ପରୀକ୍ଷାରେ ୫ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ୨୧୭ ଜଣ ପରୀକ୍ଷାର୍ଥୀ ଶୃଙ୍ଖଳାର ସହ ପରୀକ୍ଷା ଦେଇଛନ୍ତି। ବେଗୁନିଆ ସରକାରୀ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ଚିହ୍ନଟ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ ସୁପରିଣ୍ଟେଡେଣ୍ଟ ଏବଂ ରବୀନ୍ଦ୍ର କୁମାର ପଣ୍ଡା ଡେପୁଟି ସୁପରିଣ୍ଟେଡେଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ ପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ।

### ମହମ୍ମଦଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବେଗୁନିଆ,୨୫।୯(ହର ପ୍ରସନ୍ନ ପଣ୍ଡା)

ଆସନ୍ତା ୨୮ ତାରିଖରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ତଥା ଇଦ୍ ମିଲାଦ-ଉନ ନବୀ ପାଇଁ ଉତ୍ସବ ମୁଖର ହୋଇଉଠିଛି ବେଗୁନିଆ ଅଞ୍ଚଳ। ଏନେଇ ରାଉତପଡ଼ା ସୁନ୍ନି ମୁସଲମାନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମରେ କିଭଳି ଧୁମଧାମରେ ପର୍ବ ପାଳନ କରାଯିବ ସେନେଇ ଆଲୋଚନା ହୋଇଛି। ତୋରଣ ଓ ଝଣ୍ଡାରେ ଗ୍ରାମକୁ ସଜାଯିବ ସହ ମସଜିଦକୁ ସଜାଯିବ। ତାଜିଆ ଶୋଭାଯାତ୍ରା ତଥା ଜୁଲୁସ କିଭଳି ଶାନ୍ତି ଶୃଙ୍ଖଳାର ସହ ଗ୍ରାମ ପରିକ୍ରମା କରି ମହମ୍ମଦଙ୍କ ବାର୍ତ୍ତା ସମସ୍ତଙ୍କ ପାଖରେ ପଥିପାରିବ ସେନେଇ ବିଶେଷଭାବେ ଆଲୋଚନା କରାଯାଇଥିଲା। ସାରା ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଧର୍ମ ଗୁରୁ ମହମ୍ମଦ ଯେଉଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ ସେହି ପ୍ରଚେଷ୍ଟାକୁ ଆଗକୁ ନେବା ପାଇଁ ଏହି ପର୍ବ ପାଳନ କରାଯାଇଥାଏ। ଏହି ବୈଠକରେ ଗ୍ରାମର ବୁଦ୍ଧିଜୀବୀଙ୍କ ସହ ଯୁବକମାନେ ସାମିଲ ହୋଇଥିଲେ।

### ଭଡ଼ାଟିଆଙ୍କୁ ନିର୍ଯାତନା, ଘର ମାଲିକ ଗିରଫ

ଭୁବନେଶ୍ୱର,୨୫।୯ (ସୂର୍ଯ୍ୟକାନ୍ତ ବେହେରା)

ଦୁଇ ମାସର ଘରଭଡା ବକେୟାକୁ କେନ୍ଦ୍ରକରି ଜଣେ ମହିଳା ଭଡାଟିଆଙ୍କୁ ନିର୍ଯାତନା ଦେବା ସହ ତାଙ୍କ ମୋବାଇଲ ଓ ଫ୍ୟାନ ନେଇଯିବା ଅଭିଯୋଗରେ ବଡଗଡ ଥାନା ପୋଲିସ ଘର ମାଲିକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ହୃଷୀକେଶ ତ୍ରିପାଠୀ (୪୧)। ସୂଚନାନୁସାରେ, ଅଭିଯୋଗକାରିଣୀ ଜଣକ ହୃଷୀକେଶଙ୍କ ଘରେ ଭଡାରେ ରୁହନ୍ତି। ହେଲେ କୌଣସି କାରଣରୁ ଗତ ଦୁଇ ମାସର ଘର ଭଡା ଦେଇପାରି ନ ଥିଲେ। ଶନିବାର ଘର ମାଲିକ ଓ ତାଙ୍କ ସ୍ତ୍ରୀ ଘରଭଡା ବକେୟାକୁ ନେଇ ଗାଳିଗୁଲଜ କରିଥିଲେ।

# କଡ଼ ଲେଉଟାଇଲେ ଶୟନ ଦେବତା

## ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ନୀତି ସମ୍ପନ୍ନ

ପୁରୀ, ୨୫।୯(ଅଜିତ ମହାନ୍ତି):

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ସୋମବାର ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ନୀତି ସମ୍ପନ୍ନ ହେଇଛି। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହା ଅନ୍ୟତମ। ମହାପ୍ରଭୁଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ଶେଷ ପରେ ତିନିବାଡ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇ ନୂଆଲୁଗା ଲାଗିହୋଇ ଘଣ୍ଟ ଛତା ସର୍ବାଙ୍ଗ ନୀତି ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ଧୂପ ସନ୍ଧ୍ୟା ଆଳତି ପରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରିଥିଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇବା ପରେ ମଦନମୋହନ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ଜୟବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ବନ୍ଦାପନା ପରେ ଦକ୍ଷିଣ ଘରକୁ ମଦନମୋହନ ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ଅନନ୍ତ ବାସୁଦେବ ମନ୍ଦିର ମଧ୍ୟରେ ପବିତ୍ରାଧିବାସ ନିମନ୍ତେ ଦେଉଳ ପୁରୋହିତ ଆଚାର୍ଯ୍ୟ ବରଣ ହୋଇ ହୋମ କରିଥିଲେ। ପ୍ରଥମ ବଡ଼ସିଂହାର ଭୋଗ ପରେ ଖଟଶେଯ ଘର ଧୋପଖାଳ ହୋଇ ମୁରୁଜରେ ତିନିଟି ମଣ୍ଡଳ କଟାଯାଇଥିଲା ଓ ପୂର୍ଣ୍ଣକୁମ୍ଭ ସ୍ଥାପନ ହୋଇଥିଲା। ତା’ ପୂର୍ବରୁ ସେଠାରେ ଖଟଶେଯ ବାହାର କରାଯାଇଥିଲା। ମଣ୍ଡଳଗୁଡ଼ିକରେ ତିନିଟି ଚାଙ୍ଗୁଡ଼ିରେ ପବିତ୍ର ନିଅମୂର୍ତ୍ତି, ତିନିମୂର୍ତ୍ତି ପତନି ଘୋଡ଼ାଇ ରଖାଯାଇଥିଲା। ଦେଉଳ ପୁରୋହିତ ବରୁଣ ପୂଜା କରି ନୀତି ସମ୍ପାଦନା କରିଥିଲେ। ଖଟଶେଯ ଘରଦ୍ୱାର ବନ୍ଦ ହୋଇ ତଢଉକରଣଙ୍କ ଦ୍ୱାରା ମୁଦ ହୋଇଥିଲା। ପରେ ରତ୍ନବେଦିରେ ଠାକୁରମାନେ ମଇଲମ, ମହାସ୍ନାନ ହୋଇ ନୂଆଲୁଗା ଲାଗିହୋଇଥିଲେ। ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଣ୍ଟ, ଛତ୍ର, କାହାଳୀରେ ୩ଟି ରୁପା ପିଙ୍ଗଣରେ ଚନ୍ଦନ ବିଜେ କରାଯଇ ସର୍ବାଙ୍ଗ ଲାଗି କରାଯାଇଥିଲା। ବଲ୍ଲଭ ବଡ଼ସିଂହାର ବେଶ ହୋଇ ୬ମୂର୍ତ୍ତି ଅଳଙ୍କାର ଲାଗି ହେବା ପରେ ଘଣ୍ଟ, ଛତା, କାହାଳୀ ସହ ତଲୁଛ ମହାପାତ୍ର ଓ ପ୍ରଧାନୀ ସେବକ ପଟୁଆରରେ ବଲ୍ଲଭ ବଡ଼ସିଂହାର ଭୋଗ ଆଣିଥିଲେ। ଶ୍ରୀମନ୍ଦିରରେ ୨ଥର ବଡ଼ସିଂହାର ବେଶ ଓ ଭୋଗ ହୋଇଥିଲା। ଷୋଡଶ ଉପଚାର ପୂଜା ଶେଷ ହୋଇ କର୍ପୂର ଆଳତି ହେବା ପରେ ପାର୍ଶ୍ୱପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଥିଲା। ମୁଦିରସ୍ତ, ବେହେରା ଖୁଣ୍ଟିଆ, ଗରାବଡୁ, ପାଳିଆ ମେକାପ, ଅଖଣ୍ଡ ମେକାପ ଓ ତଢ଼ାଉ କରଣ ସେବକ ଖଟଶେଜ ଉପରକୁ ନିଶୁଣି ମାଧ୍ୟମରେ ଯାଇ ମୁଦ ଭାଙ୍ଗିବା ପରେ ଶୟନ ଠାକୁରଙ୍କୁ ପେଡିକୁ ମୁଦିରସ୍ତ ଖୋଲି ଗରାବଡୁ ଠାରୁ ହାତୁଆଣି ନେଇ ରୁପାପିଙ୍ଗଣରେ ବେହେରା ଖୁଣ୍ଟିଆ ଦେଇଥିବା ଶୁକ୍ଳ ପୁଷ୍ପ ୩ଥର ପୁଷ୍ପାଞ୍ଜଳି ଦେବାରେ ଶୟନ ଦେବତାଙ୍କ କଡ଼ ଲେଉଟା ନୀତି କରାଯାଇଥିଲା। ପରେ ବନ୍ଦାପନା କରାଯାଇ ଦୁଆର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା ଏହାପରେ ଅନ୍ୟାନ୍ୟ ନୀତି ହୋଇଥିଲା।

# ବେଗୁନିଆ କଲେଜରେ କଳା ସଂସ୍କୃତି ମହୋତ୍ସବ



ବେଗୁନିଆ,୨୫।୯(ହର ପ୍ରସନ୍ନ ପଣ୍ଡା)

ଦିନ ଥିଲା ଓଡ଼ିଶାର ପାରମ୍ପରିକ ନୃତ୍ୟ, ସଙ୍ଗୀତ ଭାରତ ବର୍ଷରେ ଖ୍ୟାତି ଅର୍ଜନ କରିଥିଲା। ବିଶେଷକରି ଓଡ଼ିଶା ମାଟିର ଦକ୍ଷ କଳାକାରଙ୍କ ଦ୍ୱାରା ପରିବେଷିତ ‘ଓଡ଼ିଶୀ ନୃତ୍ୟ ସଙ୍ଗୀତ’ ଶାସ୍ତ୍ରୀୟ ମାନ୍ୟତା ପାଇପାରିଛି। ପାଶ୍ଚାତ୍ୟ ସଭ୍ୟତାରେ ଯୁବପୀଢ଼ି ମାନେ ପ୍ରାଚୀନ କଳାକୁ ଭୁଲି ଯାଉଥିବା ପରିଲକ୍ଷିତ ହୋଇଛି। ତେବେ ପାରମ୍ପରିକ ନୃତ୍ୟ ସଙ୍ଗୀତକୁ ଲୋକାଭିମୁଖୀ କରିବା ପାଇଁ ସରକାର ଏକ ମହତ୍ତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବହି ପଢ଼ିବା, ଲେଖିବା, ଖେଳିବା ସହିତ ନୃତ୍ୟ ସଙ୍ଗୀତକୁ ଆଦରି ନିଅ ବୋଲି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। କେନ୍ଦ୍ର ସରକାରଙ୍କ ଆର୍ଟ ଆଣ୍ଡ କଲଚର ବିଭାଗ ପକ୍ଷରୁ ଏନଜିଓ ସଂସ୍ଥା ଜରିଆରେ ଓଡ଼ିଶାର ବିଭିନ୍ନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ମହୋତ୍ସବ ମାଧ୍ୟମରେ ପିଲାମାନଙ୍କୁ ଉତ୍ସାହିତ କରାଯାଉଛି। ଏନେଇ ଖୋର୍ଦ୍ଧା ଜିଲା ବେଗୁନିଆ ସରକାରୀ ମହାବିଦ୍ୟାଳୟ ସଭାଗୃହ ପରିସରରେ ସୋମବାର ଏହି ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୁରୀ ଜିଲାର ଦୟାଜ୍ୟୋତି କଳା ସଂସ୍କୃତି ନୃତ୍ୟ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପାରମ୍ପରିକ କଳା ପରିବେଷଣ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ସଙ୍ଗୀତ, ଗୋଟିପୁଅ ନାଚ ଆଦି ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମନ ମୋହିଥିଲା। ଅଧ୍ୟାପକ ପଙ୍କଜ କର, ଜୟକୃଷ୍ଣ ପାଣିଗ୍ରାହୀ, ବ୍ରଜେନ୍ଦ୍ର ପାଲଟାସିଂହ, ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।




ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଖୋର୍ଦ୍ଧା ଆଞ୍ଚଳିକ କମିଟି ଆନୁକୂଲ୍ୟରେ ସୋମବାର ୧୨ ଦଫା ଦାବିରେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏସ୍‌ୟୁସିଆଇର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଖୋର୍ଦ୍ଧା ଆଞ୍ଚଳିକ କମିଟି ଆନୁକୂଲ୍ୟରେ ସୋମବାର ୧୨ ଦଫା ଦାବିରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆ ବସଷ୍ଟାଣ୍ଡ ଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ଭୂମିହୀନଙ୍କୁ ପଟ୍ଟା, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଘରୋଇ କମ୍ପାନୀଙ୍କ ଦାଦାଗିରି ବନ୍ଦ ସହ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ଯୋଗାଇ ଦିଆଯାଉ।

ଶିଳ୍ପ ଅନୁଷ୍ଠାନ, କମ୍ପାନୀରେ ଦୈନିକ କାର୍ଯ୍ୟଦିବସ ୧୨ ଘଣ୍ଟା ପରିବର୍ତ୍ତେ ୮ଘଣ୍ଟା କରାଯାଉ। ଖୋର୍ଦ୍ଧା ରାଜ୍ୟର ରାଜଧାନୀ ଜିଲା। ଏଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବାକୁ ଦାବି କରିଛନ୍ତି। ଆଞ୍ଚଳିକ କମିଟି ସମ୍ପାଦକ ଅଶୋକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜୟନ୍ତ ମହାନ୍ତି, ଶ୍ରୀକାନ୍ତ ନାୟକ, ପ୍ରସନ୍ନ ନାୟକ, ଅରୁଣ ନାୟକ, ଜିତେନ୍ଦ୍ର ବଳିୟାରସିଂ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରର ଶ୍ରମିକ ମାରଣ ନୀତି, ଦରଦାମ ବୃଦ୍ଧି ନେଇ ସରକାରଙ୍କୁ ସମାଲୋଚନା କରିଥିଲେ।

# ପୂର୍ବ ବିବାଦକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୩ ଆହତ

ନିମାପଡ଼ା,୨୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରେଞ୍ଚ ଶାସନ ପଞ୍ଚାୟତର ବିଆଁଳ ଗ୍ରାମରେ ପୂର୍ବ ଶତ୍ରୁତା ଓ ବିବାଦକୁ କେନ୍ଦ୍ର କରି ରବିବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ରକ୍ତ ସଂଘର୍ଷ ହୋଇଥିଲା। ଏଥିରେ ସେମାନେ ହେଲେ ପ୍ରଦୀପ୍ତ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସଦାଶିବ ପ୍ରଧାନ ୩ ଜଣ ଆହତ ହୋଇ ନିମାପଡ଼ା ଓ ପିପିଲି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଦୀପ୍ତ ଓ ସଦାଶିବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଗଣ୍ଡଗୋଳ ସମ୍ପର୍କରେ ଆହତ ପ୍ରଦୀପ୍ତଙ୍କ ଭାଇ କୃଷ୍ଣଚନ୍ଦ୍ର ପ୍ରଧାନ ୭ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଅନ୍ୟଗୋଷ୍ଠୀର ଆହତ ସୁରେନ୍ଦ୍ର ୪ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏସମ୍ପର୍କରେ ଉଭୟ ପକ୍ଷର ୧୧ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ପୃଥକ ପୃଥକ ଭାବେ ୩୪୦/୨୩, ୩୪୧/୨୩ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଗଣ୍ଡଗୋଳକୁ କେନ୍ଦ୍ର କରି ୨ ଗୋଷ୍ଠୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ଗଣ୍ଡଗୋଳରୁ ନିବୃତ ରହିବାକୁ ପୋଲିସ ପକ୍ଷରୁ ଉଭୟ ପକ୍ଷକୁ କଡ଼ା ତାଗିଦା କରିଥିବା ଥାନାସୂତ୍ରରୁ ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।

## ୭ଦିନ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୫।୯ (ସୂର୍ଯ୍ୟକାନ୍ତ ବେହେରା)

ତାଲା ଭାଙ୍ଗି ଘରେ ପଶିବା ସହ ଅଳଙ୍କାର ଓ ଟଙ୍କା ଚୋରି କରିନେଇଥିବା ଜଣେ ଅଭିଯୁକ୍ତଙ୍କୁ ଘଟଣାର ୭ଦିନ ପରେ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ଚନ୍ଦନ ନାୟକ। ତାଙ୍କଠାରୁ ସୁନା ଓ ରୁପା ଗହଣା ସହ ନଗଦ ୭ ହଜାର ଟଙ୍କା ଜବତ ହୋଇଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ୧୮ ତାରିଖରେ ସୁବାସନଗର ବସ୍ତିରେ ଏହି ଘଟଣା ଘଟିଥିଲା। ଚୋରିର ଶିକାର ହୋଇଥିବା ଏକ ପରିବାରର ମହିଳା ଏନେଇ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ମହିଳା ଓ ତାଙ୍କ ପରିବାର ସଦସ୍ୟ ଘର ତାଲା ପକାଇ ପୈତୃକ ଗ୍ରାମକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଚନ୍ଦନ ଉକ୍ତ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ମାଲମାରି ତାଡି ଭିତରେ ଥିବା ସୁନା ଓ ରୁପା ଗହଣା ସହ ନଗଦ ଟଙ୍କା ଚୋରି କରିନେଇଥିଲେ। ଗାଁରୁ ଫେରି ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ୱାଲ୍‌ରେ ପିଟିହୋଇ ଜଳିଗଲା କାର



ଭୁବନେଶ୍ୱର,୨୫।୯ (ସୂର୍ଯ୍ୟକାନ୍ତ ବେହେରା)

ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁରରେ ଏକ କାର୍ ୱାଲରେ ପିଟିହେବା ପରେ ହୁତୁହୁତୁ ହୋଇ ଜଳିଯାଇଛି। ତେବେ ଏଥିରେ ଥିବା କାର୍ ମାଲିକ ଓ ଚାଳକ ତୁରନ୍ତ ବାହାରକୁ ଚାଲିଆସିବାରୁ ବିପଦରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ତମାଣ୍ଡୋ ଥାନା ପୋଲିସ ଅଗ୍ନିଶମ ବାହିନୀ ସହ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ କାର୍‌ଟି ୮୦ ପ୍ରତିଶତ ପୋଡି ଯାଇଥିଲା। ଏନେଇ ତମାଣ୍ଡୋ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ମାଲିକ କଳିଙ୍ଗବିହାରରେ ରହୁଥିବା ଦିବାକର ବାହିନୀପତି ଓ ତାଙ୍କ ସାଙ୍ଗ ଉକ୍ତ କାର୍‌ରେ ଥିଲେ। ସୋମବାର ଭୋର୍ ସମୟରେ କାର୍‌ଟି ଡିଏନ ରେଗାଲିଆ ଦେଇ ଯାଉଥିବା ସମୟରେ ହଠାତ ଭାରସାମ୍ୟ ହରାଇ ଏକ କାନ୍ଥରେ ପିଟି ହୋଇଯାଇଥିଲା। ଫଳରେ ଗାଡିରୁ ଧୂଆଁ ବାହାରିବା ଦେଖି ସେମାନେ କାରରୁ ବାହାରକୁ ଚାଲି ଆସିଥିଲେ। ଏହାର କେଇ ମିନିଟ ପରେ କାରଟି ହୁ ହୁ ହୋଇ ଜଳିବାକୁ ଲାଗିଥିଲା।

# ଉଠାଦୋକାନୀଙ୍କ ବିରୋଧ, ଫେରିଲା ଉଚ୍ଛେଦ ଟିମ

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ କଳିଙ୍ଗ ବିହାରର କେ-୪ ଏବଂ କେ-୫ସ୍ଥିତ ଶିବମନ୍ଦିର ଛକ ନିକଟରେ ଜବରଦଖଲ ଉଚ୍ଛେଦ କରିବାକୁ ଯାଇଥିବା ବିଏମ୍‌ସି ଓ ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଉଠା ଦୋକାନୀମାନେ ବିରୋଧ କରିଛନ୍ତି। ଏହାକୁ ନେଇ ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନାତ୍ମକ ପରିସ୍ଥିତି ଲାଗି ରହିବାରୁ ଶେଷରେ ଉଚ୍ଛେଦ କରି ନ ପାରି ଟିମ୍‌କୁ ଫେରିବାକୁ ପଡିଛି। ବ୍ୟବସାୟୀଙ୍କ ଅଭିଯୋଗ ହେଲା, ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳକୁ ବଡ଼ବଡ଼ିଆ ଜବରଦଖଲ କରି ରଖିଥିଲେ ମଧ୍ୟ ବିଏମ୍‌ସି କିମ୍ବା ବିଡିଏ ପକ୍ଷରୁ ପଦକ୍ଷେପ ବଦଳରେ ସୁରକ୍ଷା ଦିଆଯାଉଛି। ମାତ୍ର ଖାଲି ସ୍ଥାନରେ ଉଠାଦୋକାନ କରି ଗୁଜରାଣ ମେଣ୍ଟାଉଥିବା ସାଧାରଣଲୋକଙ୍କ ଉପରେ ଜୁଲମ୍ କରାଯାଉଛି। କଳିଙ୍ଗନଗର ଶିବ ମନ୍ଦିର ଛକରେ ଦୀର୍ଘ ୧୮ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାୟ ୨ଶହ ବ୍ୟବସାୟୀ ଉଠାଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ତେବେ ସୋମବାର ବିଏମ୍‌ସି ଓ ବିଡିଏର ଉଚ୍ଛେଦକାରୀ ଦଳ ସମ୍ପୃକ୍ତ ଅଞ୍ଚଳରୁ ଜବରଦଖଲ ଉଠାଇବାକୁ ଆସିଥିବାବେଳେ ଏହାକୁ ବିରୋଧ କରି ଉଠାଦୋକାନୀମାନେ ରାସ୍ତାକୁ ଓହ୍ଲାଇ ଥିଲେ। ବ୍ୟବସାୟୀ ରମେଶ ଚନ୍ଦ୍ର ପତି, ଆଦିତ୍ୟ ପ୍ରସାଦ ରଥ, ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ହାଇକୋର୍ଟଙ୍କ ସ୍ଥିତାବସ୍ଥା/ନିର୍ଦ୍ଦେଶ ଦେଖାଇଲା ପରେ ମଧ୍ୟ ତାହା ନ ଶୁଣି ଜୋର ଜବରଦସ୍ତ ଦୋକାନ ଉଚ୍ଛେଦ କରିବାକୁ ଚେଷ୍ଟା କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଦେଖାଦେଇଥିଲା। ପରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ସେଠାରେ ପହଞ୍ଚି ଉଚ୍ଛେଦକାରୀ ଦଳଙ୍କୁ ଘୋର ବିରୋଧ କରିଥିଲେ। ସେମାନେ ଉଠାଦୋକାନୀ ଆଇନ ଓ ସମ୍ବିଧାନର ଧାରା ୧୯(୧)(ଛ)କୁ ଅବମାନନା କରୁଥିବା ଦର୍ଶାଇବା ସହ ଆଇନ ମାନୁ ନ ଥିବା ବିଡିଏ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଉ ଆଦି ସ୍ଲୋଗାନ ଦେଇଥିଲେ। ଶେଷରେ ଉଚ୍ଛେଦକାରୀ ଦଳ ନିରାଶ ହୋଇ ସେଠାରୁ ଫେରିଥିଲା। ତେବେ ବିଏମ୍‌ସି ଆଜି ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ କରି ପାରି ନ ଥିବାବେଳେ ଉଚ୍ଛେଦ ନାମରେ ତାଙ୍କ ପେଟରେ ଲାତ ମାରୁଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ବରୁ ଏଠାରେ ଉଚ୍ଛେଦ କରିବା ପାଇଁ ୪ଥର ଚେଷ୍ଟା କରାଯାଇଥିଲା। ତେବେ ବିଧାୟକ ସୁରେଶ ରାଉତରାୟଙ୍କ ହସ୍ତକ୍ଷେପ ଫଳରେ ଏହା ବନ୍ଦ କରାଯାଇଥିଲା। ମେୟର ସୁଲୋଚନା ଦାସ ଭେଣ୍ଡିଂଜୋନ୍ କରାଯାଇ ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସାପ ଧରିବା ସହ ସଚେତନ କରୁଛନ୍ତି ରିୟା

## ଗାଁଗଣ୍ଡା ବୁଲି ସାପ ଧରୁଛନ୍ତି ଦମ୍ପତି

- ୨ ହଜାରରୁ ଊର୍ଦ୍ଧ୍ୱ ଧରି ଜଙ୍ଗଲରେ ଛାଡ଼ିଲେଣି
- ଝଡ଼ାଫୁଙ୍କାରେ ବିଶ୍ୱାସ ନ କରିବାକୁ ପରାମର୍ଶ

ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ)



ସାଧାରଣତଃ ସାପ ନାଁ ଶୁଣିଲେ ଲୋକଙ୍କ ମନରେ ଛନକା ପଶିଯାଏ। ସାପ କାମୁଡିଲେ ଗାଁ ଗହଳିରେ ଲୋକେ ଏବେ ବି ଝଡ଼ାଫୁଙ୍କା କିମ୍ବା ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ଏପରି ଅନ୍ଧ ବିଶ୍ୱାସ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ମଣିଷ ଓ ଜୀବଜନ୍ତୁଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଅଣ୍ଟା ଭିଡ଼ିଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ପଞ୍ଚାୟତ ମୁକ୍ତାପୁର ଗ୍ରାମର ବିପିନ ନାୟକ ଏବଂ ତାଙ୍କ ସ୍ତ୍ରୀ ରିୟା। ଏହି ଦମ୍ପତି ରାତି ପାହିଲେ ଆଖପାଖ ଗାଁରେ ବୁଲି ବିଷଧର ସାପକୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥାନ୍ତି। ସାପ ଧରିବା ପାଇଁ ସେମାନେ କାହାରିଠାରୁ ପାରିଶ୍ରମିକ ନିଅନ୍ତି ନାହିଁ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ସାପ ଧରି ସାରିଥିବା ରିୟା କହିଛନ୍ତି। ରିୟା ଜଣେ ଗୃହିଣୀ। ତେବେ ସେ ମଧ୍ୟ ସ୍ୱାମୀଙ୍କ ସହ ମିଶି ସାପ ଧରନ୍ତି। ଅତି ଅକ୍ଳେଶରେ ସେ ସାପକୁ ଧରିଥାନ୍ତି। ତାଙ୍କ ସାହସ ଦେଖି ଗ୍ରାମବାସୀ ଆଶ୍ଚର୍ଯ୍ୟାନ୍ୱିତ ହୋଇଥାନ୍ତି।

କେଉଁଠୁ ଖବର ଆସିଲେ, ସାପ ଧରିବାକୁ ବିପିନ ଓ ରିୟା ବାହାରିପଡ଼ନ୍ତି। ଉଭୟ ମିଶି ସାପକୁ କାବୁ କରିନେଇଥାନ୍ତି। ବିନା ପ୍ରଶିକ୍ଷଣରେ ବିପିନ ସାପ ଧରିବାରେ ଓସ୍ତାଦ୍ ପାଲଟିଥିବା ବେଳେ ତାଙ୍କଠାରୁ ମାତ୍ର ୨ମାସର ପ୍ରଶିକ୍ଷଣ ନେଇ ରିୟା ମଧ୍ୟ ଏଥିରେ ବେଶ ପାରଙ୍ଗମ। ହାତରେ ଖଣ୍ଡେ ବାଡ଼ି ଧରି ରିୟା ବିଷଧର ସାପକୁ କାବୁ କରିଥାନ୍ତି।

ବିପିନ କହନ୍ତି, ଥରେ କୂଅରେ ଏକ ବଳଦ ଖସିପଡ଼ିଥିଲା। ସେହି ସମୟରେ ବଳଦ ଏବଂ ନିଜକୁ ରକ୍ଷା କରିବାକୁ ଯାଇ କୂଅ ଭିତରେ ଥିବା ଏକ ସାପର ମୁଣ୍ଡକୁ ସେ ଧରି ନେଇଥିଲେ। ପରବର୍ତ୍ତୀ ସମୟରେ ଜୀବଜନ୍ତୁଙ୍କ ପ୍ରତି ତାଙ୍କ ମନରେ କରୁଣା, ଦୟାଭାବ ଜାଗ୍ରତ ହୋଇଥିଲା। ଏଣିକି ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଦୟାଭାବ ରଖିବା ସହ ସେମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ସେ ମହାଦେବଙ୍କ ଦର୍ଶନ କରି ସଂକଳ୍ପ ନେଇଥିଲେ। ପୂର୍ବରୁ ତାଙ୍କ ଗାଁରେ କୌଣସି ଲୋକଙ୍କୁ ସାପ କାମୁଡିଲେ, ଲୋକେ ମହାଦେବଙ୍କ ମନ୍ଦିର ଅଥବା ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରୁଥିଲେ। ଏଥିପ୍ରତି ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସେ ସାପ ଧରିବା ଆରମ୍ଭ କରିଥିଲେ। ଏଥିଲାଗି କୌଣସି ସ୍ଥାନରୁ ପ୍ରଶିକ୍ଷଣ ଗ୍ରହଣ କରି ନ ଥିବା ସତ୍ତ୍ୱେ ସେ ଜଣେ ସଫଳ ସାପ ଧରାଳି ଭାବେ ପରିଚିତ। ବୟସ ବଢ଼ିବା ସହିତ ଏହା ତାଙ୍କର ନିଶାରେ ପରିଣତ ହୋଇଗଲା। ଏଥିଲାଗି ସେ କାହାଠାରୁ ପାରିଶ୍ରମିକ ନିଅନ୍ତି ନାହିଁ। ସାପ କାମୁଡ଼ିଲେ, ଗୁଣିଆ ନିକଟକୁ କିମ୍ବା ମନ୍ଦିର ଯିବା ପରିବର୍ତ୍ତେ ନିକଟସ୍ଥ ମେଡିକାଲକୁ ଯିବାଲାଗି ଲୋକଙ୍କୁ ସେ ସଚେତନ କରନ୍ତି।

ବିପିନଙ୍କୁ ବିବାହ କରିବା ପରେ ରିୟା ଏହି ସାମାଜିକ ସଚେତନା କାର୍ଯ୍ୟ ପ୍ରତି ପ୍ରଭାବିତ ହୋଇଥିଲେ। ସେ ମଧ୍ୟ ତାଙ୍କ ସହ ମିଶି ସାପ ଧରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ରିୟା କୁହନ୍ତି, ମୁଁ ମଧ୍ୟ ସାପ ଧରିବା ପାଇଁ ସ୍ୱାମୀଙ୍କୁ କହିଥିଲି। ତା’ ପରଦିନ ଠାରୁ ସେ ମୋତେ ସାପ ଧରିବାର କୌଶଳ ଶିକ୍ଷା ଦେଇଥିଲେ। ବିଷଧର ସାପକୁ କିପରି ସାବଧାନତା ପୂର୍ବକ ଧରାଯିବ, ସେଥିପ୍ରତି ପ୍ରଶିକ୍ଷଣ ଦେଇଥିଲେ। ଦୁଇ ମାସ ପ୍ରଶିକ୍ଷଣ ପାଇବା ପରେ ସ୍ୱାମୀଙ୍କ ସହ ମିଶି ସାପ ଧରିବାକୁ ଯାଉଛି। ସେହିପରି ଘରେ କୌଣସି କାମରେ ବ୍ୟସ୍ତ ଥିବାବେଳେ ଲୋକଙ୍କ ଘରେ ସାପ ପଶିଥିବା ଖବର ଆସିଲେ, କାମ ଅଧାରୁ ଛାଡ଼ି ଯିବାକୁ ପଡ଼େ। ସାପ ଧରିବାରେ ନିଜ ଜୀବନ ପ୍ରତି ବିପଦ ମଧ୍ୟ ରହିଛି। ତଥାପି ଲୋକଙ୍କୁ ସହଯୋଗ ଏବଂ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସ୍ୱାମୀଙ୍କ ସହ ମୁଁ ନିଜକୁ ସାମିଲ କରିଛି। ଲୋକେ ସାପକୁ ମାରନ୍ତୁ ନାହିଁ। ସଂସାରରେ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ଲୋକେ ଅନ୍ଧ ବିଶ୍ୱାସରେ ନ ପଡ଼ି ସାପ କାମୁଡ଼ିଲେ ମେଡିକାଲକୁ ଯାଆନ୍ତୁ ବୋଲି ରିୟା ପରାମର୍ଶ ଦେଇଛନ୍ତି।

**ସଂକ୍ଷେପରେ**

## ପୂର୍ବ ବିବାଦକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୩ ଆହତ

ନିମାପଡ଼ା,୨୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରେଞ୍ଚ ଶାସନ ପଞ୍ଚାୟତର ବିଅଁଳ ଗ୍ରାମରେ ପୂର୍ବ ଶତ୍ରୁତା ଓ ବିବାଦକୁ କେନ୍ଦ୍ର କରି ରବିବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ରକ୍ତ ସଂଘର୍ଷ ହୋଇଥିଲା। ଏଥିରେ ସେମାନେ ହେଲେ ପ୍ରଦୀପ୍ତ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସଦାଶିବ ପ୍ରଧାନ ୩ ଜଣ ଆହତ ହୋଇ ନିମାପଡ଼ା ଓ ପିପିଲି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଦୀପ୍ତ ଓ ସଦାଶିବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଗଣ୍ଡଗୋଳ ସମ୍ପର୍କରେ ଆହତ ପ୍ରଦୀପ୍ତଙ୍କ ଭାଇ କୃଷ୍ଣଚନ୍ଦ୍ର ପ୍ରଧାନ ୭ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଅନ୍ୟଗୋଷ୍ଠୀର ଆହତ ସୁରେନ୍ଦ୍ର ୪ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏସମ୍ପର୍କରେ ଉଭୟ ପକ୍ଷର ୧୧ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ପୃଥକ ପୃଥକ ଭାବେ ୩୪୦/୨୩, ୩୪୧/୨୩ରେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଗଣ୍ଡଗୋଳକୁ କେନ୍ଦ୍ର କରି ୨ ଗୋଷ୍ଠୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ଗଣ୍ଡଗୋଳରୁ ନିବୃତ ରହିବାକୁ ପୋଲିସ ପକ୍ଷରୁ ଉଭୟ ପକ୍ଷକୁ କଡ଼ା ତାଗିଦା କରିଥିବା ଥାନାସୂତ୍ରରୁ ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।

# କଡ଼ ଲେଉଟାଇଲେ ଶୟନ ଦେବତା

## ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ନୀତି ସମ୍ପନ୍ନ

ପୁରୀ, ୨୫।୯(ଅଜିତ ମହାନ୍ତି):

ପବିତ୍ର ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ସୋମବାର ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ନୀତି ସମ୍ପନ୍ନ ହେଇଛି। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହା ଅନ୍ୟତମ। ମହାପ୍ରଭୁଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ଶେଷ ପରେ ତିନିବାଡ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇ ନୂଆଲୁଗା ଲାଗିହୋଇ ଘଣ୍ଟ ଛତା ସର୍ବାଙ୍ଗ ନୀତି ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ଧୂପ ସନ୍ଧ୍ୟା ଆଳତି ପରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରିଥିଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇବା ପରେ ମଦନମୋହନ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ଜୟବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ବନ୍ଦାପନା ପରେ ଦକ୍ଷିଣ ଘରକୁ ମଦନମୋହନ ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ଅନନ୍ତ ବାସୁଦେବ ମନ୍ଦିର ମଧ୍ୟରେ ପବିତ୍ରାଧିବାସ ନିମନ୍ତେ ଦେଉଳ ପୁରୋହିତ ଆଚାର୍ଯ୍ୟ ବରଣ ହୋଇ ହୋମ କରିଥିଲେ। ପ୍ରଥମ ବଡ଼ସିଂହାର ଭୋଗ ପରେ ଖଟଶେଯ ଘର ଧୋପଖାଳ ହୋଇ ମୁରୁଜରେ ତିନିଟି ମଣ୍ଡଳ କଟାଯାଇଥିଲା ଓ ପୂର୍ଣ୍ଣକୁମ୍ଭ ସ୍ଥାପନ ହୋଇଥିଲା। ତା’ ପୂର୍ବରୁ ସେଠାରେ ଖଟଶେଯ ବାହାର କରାଯାଇଥିଲା। ମଣ୍ଡଳଗୁଡ଼ିକରେ ତିନିଟି ଚାଙ୍ଗୁଡ଼ିରେ ପବିତ୍ର ନିଅମୂର୍ତ୍ତି, ତିନିମୂର୍ତ୍ତି ପତନି ଘୋଡ଼ାଇ ରଖାଯାଇଥିଲା। ଦେଉଳ ପୁରୋହିତ ବରୁଣ ପୂଜା କରି ନୀତି ସମ୍ପାଦନା କରିଥିଲେ। ଖଟଶେଯ ଘରଦ୍ୱାର ବନ୍ଦ ହୋଇ ତଢଉକରଣଙ୍କ ଦ୍ୱାରା ମୁଦ ହୋଇଥିଲା। ପରେ ରତ୍ନବେଦିଡ଼ିରେ ଠାକୁରମାନେ ମଇଲମ, ମହାସ୍ନାନ ହୋଇ ନୂଆଲୁଗା ଲାଗିହୋଇଥିଲେ। ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଣ୍ଟ, ଛତ୍ର, କାହାଳୀରେ ୩ଟି ରୁପା ପିଙ୍ଗଣରେ ଚନ୍ଦନ ବିଜେ କରାଯଇ ସର୍ବାଙ୍ଗ ଲାଗି କରାଯାଇଥିଲା। ବଲ୍ଲଭ ବଡ଼ସିଂହାର ବେଶ ହୋଇ ୬ମୂର୍ତ୍ତି ଅଳଙ୍କାର ଲାଗି ହେବା ପରେ ଘଣ୍ଟ, ଛତା, କାହାଳୀ ସହ ତଲୁଛ ମହାପାତ୍ର ଓ ପ୍ରଧାନୀ ସେବକ ପଟୁଆରରେ ବଲ୍ଲଭ ବଡ଼ସିଂହାର ଭୋଗ ଆଣିଥିଲେ। ଶ୍ରୀମନ୍ଦିରରେ ୨ଥର ବଡ଼ସିଂହାର ବେଶ ଓ ଭୋଗ ହୋଇଥିଲା। ଷୋଡଶ ଉପଚାର ପୂଜା ଶେଷ ହୋଇ କର୍ପୁର ଆଳତି ହେବା ପରେ ପାର୍ଶ୍ୱପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଥିଲା। ମୁଦିରସ୍ତ, ବେହେରା ଖୁଣ୍ଟିଆ, ଗରାବଡ୍ଡୁ, ପାଳିଆ ମେକାପ, ଅଖଣ୍ଡ ମେକାପ ଓ ତଢ଼ାଉ କରଣ ସେବକ ଖଟଶେଜ ଉପରକୁ ନିଶୁଣି ମାଧ୍ୟମରେ ଯାଇ ମୁଦ ଭାଙ୍ଗିବା ପରେ ଶୟନ ଠାକୁରଙ୍କୁ ପେଡିକୁ ମୁଦିରସ୍ତ ଖୋଲି ଗରାବଡ୍ଡୁ ଠାରୁ ହାତୁଆଣି ନେଇ ରୁପାପିଙ୍ଗଣରେ ବେହେରା ଖୁଣ୍ଟିଆ ଦେଇଥିବା ଶୁକ୍ଳ ପୁଷ୍ପ ୩ଥର ପୁଷ୍ପାଞ୍ଜଳି ଦେବାରେ ଶୟନ ଦେବତାଙ୍କ କଡ଼ ଲେଉଟା ନୀତି କରାଯାଇଥିଲା। ପରେ ବନ୍ଦାପନା କରାଯାଇ ଦୁଆର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା ଏହାପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ମହନ୍ତାଇ ଶାଟିକା ବନ୍ଧନ ଉତ୍ସବ



ଶ୍ରୀଶ୍ୟାମ ସୁନ୍ଦର ମଠର ମହନ୍ତାଇ ଶାଟିକା ବନ୍ଧନ ଉତ୍ସବ ସମ୍ପନ୍ନ କରାଯାଉଛି ।

ପୁରୀ, ୨୫।୯(ଅଜିତ୍ ମହାନ୍ତି):

ମାଧ୍ୱ ଗୌରେଶ୍ୱର ବୈଷ୍ଣବ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ପୁରାଣ ପ୍ରସିଦ୍ଧ ସାତଆସନ ମଠ ମଧ୍ୟରୁ ଅନ୍ୟତମ ମଠ ଶ୍ରୀଶ୍ୟାମ ସୁନ୍ଦର ମଠର ମହନ୍ତାଇ ଶାଟିକା ବନ୍ଧନ ଉତ୍ସବ ସମ୍ପନ୍ନ ହୋଇଯାଇଛି। ବୈଷ୍ଣବ ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ଆଚାର୍ଯ୍ୟ ପୀଠ ବା ମଠର ମଠାଧୀଶଙ୍କ ଅନ୍ତେ ବା ତାଙ୍କ ନିର୍ଦ୍ଦେଶକ୍ରମେ ନୂତନ ମଠାଧୀଶ ଚୟନ ପରେ ତାଙ୍କୁ ଉକ୍ତ ଗାଦିରେ ଅଭିଷିକ୍ତ କରାଯିବାର ପ୍ରଥା ରହିଛି। ଏହି ଅନୁସାରେ ସୋମବାର ଶ୍ରୀଶ୍ୟାମ ସୁନ୍ଦର ମଠର ମହନ୍ତ ପଦରେ ବାବାଜୀ କଦମ୍ବ ବିହାରୀ ଦାସଙ୍କୁ ଅଭିଷିକ୍ତ କରାଯାଇଛି। ପ୍ରଭାତରେ ମଙ୍ଗଳାର୍ପଣ ସହ ମଙ୍ଗଳ ଘଟ ସ୍ଥାପନ କରାଯାଇ ଅଧିବାସ କରାଯାଇଥିଲା। ପରମ୍ପରା ଅନୁଯାୟୀ, ସନ୍ଧ୍ୟାରେ ଚତୁଃ ସମ୍ପ୍ରଦାୟର ସନ୍ଥ, ମହନ୍ତ ଓ ମହାମଣ୍ଡଳେଶ୍ୱରଙ୍କ ଉପସ୍ଥିତିରେ ବାବାଜୀ କଦମ୍ବ ବିହାରୀ ଦାସଙ୍କ ମସ୍ତକରେ ଶ୍ରୀଜଗନ୍ନାଥଙ୍କ ଗୀତଗୋବିନ୍ଦ ଖଣ୍ଡୁଆ ବନ୍ଧାଯାଇ ମହନ୍ତ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହାପରେ ସମସ୍ତ ମଠାଧୀଶ ତୁଳସୀମାଳି ଓ ଉପଢୌକନ ଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। ବୈଦିକ ଛାତ୍ରବୃନ୍ଦଙ୍କ ପୁରୁଷସୂକ୍ତ ଗାନରେ ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଥିଲା। ଏହି ଉତ୍ସବରେ ଚତୁଃ ସମ୍ପ୍ରଦାୟର ସଭାପତି ମହନ୍ତ ଡ. ରାମଚରଣ ଦାସଜୀ, ଉପସଭାପତି ମହନ୍ତ ରାମକୃଷ୍ଣ ଦାସଜୀ, ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସଜୀ, ସମ୍ପାଦକ ମହାମଣ୍ଡଳେଶ୍ୱର ମହନ୍ତ ସୁବଳ ଚରଣ ଦାସଜୀ, ହାତୀଆଖଡ଼ା ମଠ ମହନ୍ତ ସୁଖରାମ ଦାସଜୀ, ସିଦ୍ଧବକୁଳ ମଠ ମହନ୍ତ ଶ୍ରୀନିବାସ ଦାସଜୀ, ସାନମଠ ମହନ୍ତ ଅଧିକାରୀ ବୈଷ୍ଣବ ଚରଣ ଦାସଜୀ, ରାଧାକାନ୍ତ ମଠର କୃଷ୍ଣଗୋପାଳ ଦାସଜୀ, ମହନ୍ତ ହରିନାରାୟଣ ଦାସଜୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ଅଧିବକ୍ତା ଯୋଗଦେଇଥିଲେ। ଉତ୍ସବକୁ ମାଧ୍ୱ ଗୌରେଶ୍ୱର ବୈଷ୍ଣବ ସଂଘର ସଭାପତି ମହନ୍ତ ଡ. କୃଷ୍ଣଚରଣ ଦାସଜୀ ପରିଚାଳନା କରିଥିଲେ।





ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ର ସମାବର୍ତ୍ତନ ଉତ୍ସବରେ ପଦକଧାରୀଙ୍କ ସହ ଡିଗ୍ରୀଧାରୀ ଛାତ୍ରୀଛାତ୍ର ।

## ପୁରୀ ଆଇଟିଆଇର ସମାବର୍ତ୍ତନ ଉତ୍ସବ

ପୁରୀ, ୨୫।୯(ଅଜିତ ମହାନ୍ତି):

ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ର ସମାବର୍ତ୍ତନ ଉତ୍ସବ -୨୦୨୩ ସୋମବାର ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ୫୪ ଜଣ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା କର୍ମନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତ କର୍ମଜୀବନ ପାଇଁ ଏହା ପ୍ରେରଣା ପ୍ରଦାନ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଅମୂଲ୍ୟରତ୍ନ ପଣ୍ଡା ଯୋଗଦେଇ ଆଇଟିଆଇ ଶିକ୍ଷା ପରବର୍ତ୍ତୀ ଉଦ୍ୟୋଗିତା ସୁଯୋଗ ଉପରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କୁ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ଜୀବନରେ ସଫଳ ହୋଇ ଅନୁଷ୍ଠାନର ଯଶ ବଢ଼ାଇବା ସହିତ ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବାକୁ ପୁରୀ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନର ଅଧକ୍ଷ ଇଂ. ଅରବିନ୍ଦ ଘୋଷ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ଅଧିକାରୀ ମନୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ପାଇଁ ବିଡିଓଙ୍କୁ ଦାବିପତ୍ର

ପୁରୀ,୨୫।୯(ଅଜିତ ମହାନ୍ତି):

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ ଦାବିରେ ପୁରୀ ସଦର ବ୍ଲକ୍ ଭାଇଲିପୁର ପଞ୍ଚାୟତ ଓଲୋ ଗାଁର ବାସିନ୍ଦା ସୋମବାର ପୁରୀ ସଦର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେମାନେ ଚାଳଘରେ ରହୁଛନ୍ତି। ଫଳରେ ବାତ୍ୟା ଓ ବର୍ଷା ସମୟରେ ବସବାସ କରିବା ଏବଂ ପିଲାମାନେ ପାଠ ପଢ଼ିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପକ୍କାଘର ନ ଥିବାରୁ ଝିଅ ଓ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏନେଇ ବାରମ୍ବାର ସରପଞ୍ଚଙ୍କୁ ଜଣାଇବା ପରେ ବି କୌଣସି ସୁବିଧା ମିଳୁନାହିଁ। ତେଣୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଲାବଣ୍ୟ ବେହେରା, କୁନି ବେହେରା, ରବିନ୍ଦ୍ର ମଲିକ୍, ପଞ୍ଚାନନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣ୍ଡୁଲିପି ପୁନରୁଦ୍ଧାର, ସଂରକ୍ଷଣ ସଂକ୍ରାନ୍ତ କର୍ମଶାଳା

ପୁରୀ,୨୫।୯(ଅଜିତ ମହାନ୍ତି):

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପାଣ୍ଡୁଲିପି ପୁନରୁଦ୍ଧାର ଏବଂ ସଂରକ୍ଷଣ ସଂକ୍ରାନ୍ତ ସପ୍ତଦିବସୀୟ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଛି। ତାଳପତ୍ର ପାଣ୍ଡୁଲିପି ପୁନରୁଦ୍ଧାର ଓ ସଂରକ୍ଷଣ ବିଷୟରେ କର୍ମଶାଳାରେ ଆଲୋଚନା କରାଯିବ। ବରୋଦାସ୍ଥିତ ମହାରାଜା ସୟାଜୀରାବ ବିଶ୍ୱବିଦ୍ୟାଳୟ ପ୍ରାଚ୍ୟ ବିଦ୍ୟାମନ୍ଦିର ନିର୍ଦ୍ଦେଶିକା ତଥା ପାଣ୍ଡୁଲିପି ବିଶେଷଜ୍ଞା ପ୍ରଫେସର ଶ୍ୱେତା ପ୍ରଜାପତି ମୁଖ୍ୟ ପ୍ରଶିକ୍ଷିକା ଏବଂ ପାଣ୍ଡୁଲିପି ବିଭାଗର ସଂରକ୍ଷିକା ପ୍ରିୟା ଶାହ ସହ ପ୍ରଶିକ୍ଷିକା ଭାବେ ଯୋଗଦେଇଛନ୍ତି। ଉଦ୍‌ଘାଟନ ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ପାଣ୍ଡୁଲିପିର ମହତ୍ତ୍ୱ ବିଷୟରେ ଅବଗତ କରାଇବା ସହ ସଂରକ୍ଷଣ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ବିଭାଗ ଅଧକ୍ଷ ତଥା ଗ୍ରନ୍ଥାଳୟର ଅଧିକାରୀ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ବୈଦିକ ବିଦ୍ୟାରୁ ଆରମ୍ଭ କରି ସଂସ୍କୃତ ସାହିତ୍ୟର ବିକାଶ କ୍ରମରେ ପାଣ୍ଡୁଲିପିର ଅବଦାନ ସମ୍ପର୍କରେ ତଥ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ଅଗ୍ରୀୟ ସଂସ୍କୃତ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଡ. ପ୍ରିୟବ୍ରତ ମିଶ୍ର ବିଶ୍ୱବିଦ୍ୟାଳୟରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପାଣ୍ଡୁଲିପି ଥିବା ସୂଚନା ଦେଇଥିଲେ। ଏହି କର୍ମଶାଳାରେ ପ୍ରାୟ ୩୦ ଜଣ ପ୍ରଶିକ୍ଷଣ ନେବେ। ଶେଷରେ ଶୋଧ ଅଧିକାରୀ ଡ. ନିରଞ୍ଜନ କର ଧନ୍ୟବାଦ ଦେଇଥିଲେ। କର୍ମଶାଳା ସଂଯୋଜିକା ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ଏବଂ ଡ. ପ୍ରଜ୍ଞା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। କର୍ମଶାଳା ଆସନ୍ତା ୧ ତାରିଖରେ ଉଦ୍‌ଯାପନ ହେବ।





କର୍ମଶାଳାରେ ମଞ୍ଚାସୀନ ଅତିଥି ।

## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଗୋପ,୨୫।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ଶିଶୋ ଗୋଲାସାହି ଗ୍ରାମରେ ଜଣେ ନବବିବାହିତା ଆତ୍ମହତ୍ୟା କରିଥିବା ନେଇ ତାଙ୍କ ବାପା ଭଗବାନ ମୁଦୁଲି ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ମୃତ ମହିଳା ଜଣକ ହେଲେ ଗ୍ରାମର ପ୍ରକାଶ ମୁଦୁଲି(୩୨)ଙ୍କ ସ୍ତ୍ରୀ ପୂଜା ମୁଦୁଲି(୨୨)। ଏନେଇ ପୋଲିସ ୨୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୂଜା ଏବଂ ପ୍ରକାଶ ୮ ମାସ ତଳେ ପ୍ରେମ ବିବାହ କରିଥିଲେ। ୩/୪ ଦିନ ତଳେ ପ୍ରକାଶ ବାହାର ରାଜ୍ୟକୁ କାମ କରିବାକୁ ଯିବା ପରେ ପୂଜା ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ମହିଳାଙ୍କୁ ତୁରନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ମହିଳାଙ୍କୁ ମୃତ ଘୋଷଣା କରିଥିଲେ।

## ଜାତୀୟ ସେବା ଯୋଜନା ଦିବସ ପାଳିତ

ପୁରୀ, ୨୫।୯(ଅଜିତ ମହାନ୍ତି):

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ରବିବାର ଏନ୍‌ଏସ୍‌ଏସ୍ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ଜାତୀୟ ସେବା ଯୋଜନାର ବହୁମୁଖୀ ଆବଶ୍ୟକତା ଗୁଡିକୁ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଫେସର କଶୋର ଚନ୍ଦ୍ର ପାଢୀ ସ୍ୱେଚ୍ଛାସେବୀମାନଙ୍କୁ ସେବା କାର୍ଯ୍ୟରେ ପ୍ରବୃତ୍ତ ହେବା ପାଇଁ ଉତ୍ସାହ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପାଢୀ ‘ମାନବିକ ମୂଲ୍ୟବୋଧ ସୁରକ୍ଷାରେ ସେବାର ଭୂମିକା’ ବିଷୟରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଲୋକଭାଷା ପ୍ରଚାର ସମିତିର ସର୍ବଭାରତୀୟ ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତ ଯୋଗଦେଇ ବିଭିନ୍ନ ସାମାଜିକ ସେବା ନିର୍ବାହ କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଫେସର ପାଢୀଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଡ. ହରିପ୍ରିୟା ଦାଶ ଜାତୀୟ ସେବା ଯୋଜନା ଦିବସ ପାଳନର ଆଭିମୁଖ୍ୟ ଉପସ୍ଥାପନ କରିବା ସହିତ ଧନ୍ୟବାଦ ଦେଇଥିଲେ।

ସେହିପରି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ୫୪ତମ ଜାତୀୟ ସେବା ଯୋଜନା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୌତିକ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ପ୍ରତାପ ବେହେରା ଉପସ୍ଥିତ ରହି ଜାତୀୟ ସେବା ଯୋଜନାର ପତାକା ଉତ୍ତୋଳନ କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ସମାଜସେବାରେ ବ୍ରତୀ ହେବାକୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. ଗୌତମ ସେଠୀ ଉପସ୍ଥିତ ରହି ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନୂତନ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଭି. ଶାରଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମୁଦ୍ରକୂଳ, ନଦୀ, ପୋଖରୀ ବର୍ଜ୍ୟବସ୍ତୁମୁକ୍ତ କରିବାକୁ ଆହ୍ୱାନ

### ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି

ପୁରୀ, ୨୫।୯(ଅଜିତ ମହାନ୍ତି):

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ପକ୍ଷରୁ ପ୍ଲାଷ୍ଟିକ ତଥା ଅନ୍ୟାନ୍ୟ ବର୍ଜ୍ୟବସ୍ତୁରୁ ସମୁଦ୍ରକୂଳ, ନଦୀ, ପୋଖରୀ ଆଦିକୁ ମୁକ୍ତ କରିବା ଏବଂ ସଚେତନତା ବୃଦ୍ଧି କରାଯିବା ଉଦ୍ଦେଶ୍ୟରେ ପୁନିତ (ପବିତ୍ର) ସାଗର ଅଭିଯାନ ନାମରେ ଏକ ଦେଶବ୍ୟାପୀ ଅଭିଯାନ କରାଯାଉଛି। ଏହି କ୍ରମରେ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀ ଆନୁକୂଲ୍ୟରେ ବିଶ୍ୱ ନଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ପୁରୀ ଜିଲାର ଅନେକ ସ୍କୁଲ ଓ କଲେଜର ଦୁଇଶହରୁ ଊର୍ଦ୍ଧ୍ୱ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ପୁରୀ ଲାଇଟ ହାଉସ ବେଳାଭୂମିଠାରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବେଳାଭୂମିର ସ୍ୱଚ୍ଛତା ରକ୍ଷା ପାଇଁ ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି କ୍ୟାଡେଟଙ୍କ ଦ୍ୱାରା ଏକ ପଥପ୍ରାନ୍ତ ନାଟକ କରାଯାଇ ସ୍ଥାନୀୟ ଜନତା ତଥା ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଷଷ୍ଠ ଓଡ଼ିଶା ଏନସିସି ବାଟାଲିୟନ ପୁରୀର କମାଣ୍ଡିଂ ଅଫିସର କର୍ଣ୍ଣେଲ ସୁଦୀପ ସିହ୍ନା ଯୋଗଦେଇ ବେଳାଭୂମିର ସ୍ୱଚ୍ଛତା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କ ସହ ପର୍ଯ୍ୟଟକଙ୍କୁ ସଚେତନତାର ବାର୍ତ୍ତା ଦେବା ପାଇଁ କ୍ୟାଡେଟମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ସିସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ବେଳାଭୂମିରେ ଆୟୋଜିତ ସ୍ୱଚ୍ଛତା ରକ୍ଷା କାର୍ଯ୍ୟକ୍ରମ ।

## ଭସାଣିରେ ସାମିଲ ହେଲେ ୧୫ ପୂଜା କମିଟି



ଠାକୁରଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି ।



ସାମୂହିକ ଗଣେଶ ଭସାଣି ଉତ୍ସବରେ ମଞ୍ଚାସୀନ ଅତିଥି ଓ କମିଟି କର୍ମକର୍ତ୍ତାମାନେ ।

ପିପିଲି,୨୫।୯
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ସାହୁ)

୨୦୧୮ ମସିହାରୁ ଆରମ୍ଭ ହୋଇଥିବା ସମୂହ ଭସାଣିକୁ ପରମ୍ପରା ଭାବେ ସମସ୍ତ ପୂଜା ମଣ୍ଡପ ପାଳନ କରୁଛନ୍ତି। ଚଳିତବର୍ଷ ମଧ ଅନୁରୂପ ଭାବେ ୧୫ଟି ପୂଜା ମଣ୍ଡପ ଏକାସାଙ୍ଗରେ ଗଣେଶ ଭସାଣିରେ ସାମିଲି ହୋଇଛନ୍ତି। ପିପିଲି ବଜାର ବ୍ୟବସାୟୀ ସଂଘ ନେତୃତ୍ୱରେ ପିପିଲି ବଡେଇ ସାହିର ବିଶ୍ୱକର୍ମା କ୍ଲବ, ପିପିଲି ଶାସନ ଗ୍ରାମର ଧନେଶ୍ୱରୀ କ୍ଲବ, ବାବା ହୁଙ୍କେଶ୍ୱର ଯୁବକ ସଂଘ, ହାଟଛକର ରୟାଲ କ୍ଲବ, ଦରଜି ସାହିର ମା’ ଦୁଲ୍ଲାଦେଈ କ୍ଲବ, ପିପିଲି ବଜାର ବ୍ୟବସାୟୀ ସଂଘ, କଲେଜ ଛକର ସାଇରାମ କ୍ଲବ, ସିଦ୍ଧିବିନାୟକ କ୍ଲବ ଆଦିର ଗଣପତି ବାବାଙ୍କୁ ସୋମବାର ସନ୍ଧ୍ୟାରେ ଚକାଛାଡ଼ କରି ଏକ ବିରାଟ ପଟୁଆରରେ ପେଟ୍ରୋଲ ପମ୍ପଠାରେ କ୍ଲବ ସିରିଏଲ ନମ୍ବର ଅନୁଯାୟୀ ଲାଇନରେ ରଖାଯାଇଥିଲା। ପରେ ସେଠାରୁ ଆକର୍ଷଣୀୟ ଶୋଭାଯାତ୍ରାରେ ଚାନ୍ଦୁଆନଗରୀ ପିପିଲି ବଜାର ପରିକ୍ରମା ଆରମ୍ଭ ହୋଇଥିଲା। ଏହି ବିରାଟ ଭସାଣିରେ ଘୋଡା ନୃତ୍ୟ, ସମରକଳା, ଘଣ୍ଟମାଦଳ, ବୀରବାଦ୍ୟ, ଢୋଲ, ମହୁରୀ, ଝାଞ୍ଜ, ପାରମ୍ପରିକ ବାଦ୍ୟ, କଣ୍ଢେଇ ନୃତ୍ୟ ସାଙ୍ଗକୁ ନାଗା ନୃତ୍ୟ, ଘଣ୍ଟ ଘଣ୍ଟାରେ ପିପିଲି ବଜାର ପ୍ରକମ୍ପିତ ହୋଇଥିଲା। ସୁନ୍ଦର ସାଜସଜ୍ଜା, ଶୃଙ୍ଖଳିତ ଭସାଣିକୁ ପ୍ରତିଯୋଗିତା ଭାବେ ୫ଜଣ ଅଭିଜ୍ଞ ବିଚାରପତି ଆଇନଜୀବୀ ରମାକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବିଷ୍ଣୁ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ୍ ବୃନ୍ଦାବନ ଜେନା, ପ୍ରଫୁଲ୍ଲ ଦାଶ ପ୍ରମୁଖ ନଜର ରଖି ଚୟନ ପ୍ରକ୍ରିୟା କରିଥିଲେ। ରାତି ସାଢେ ୧୧ଟାରେ ଏହି ଭସାଣି ଯାତ୍ରା ଶେଷ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ପିପିଲି ଥାନାର ସମସ୍ତ ଅଫିସର ସାମିଲ ହୋଇଥିଲେ। ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ରାକେଶ ମହାପାତ୍ର, ସମ୍ପାଦକ ପ୍ରବୀର ହାଲଦାର, ମହାବୀର ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମୀଧର ସାହୁ, ସମ୍ପାଦକ ନରେନ୍ଦ୍ର ବେହେରା, ସିଦ୍ଧେଶ୍ୱର ବ୍ୟବସାୟୀ ସଂଘ ସଭାପତି ଧୀରେନ୍ଦ୍ର ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ କଡ଼ା ନଜର ରଖାଯାଇଥିଲା। ଏଭଳି ସମୂହ ଭସାଣି ପିପିଲି ଅଞ୍ଚଳରେ ପାରମ୍ପରିକ ଭାବେ ଚତୁର୍ଥ ଥର ହେଉଥିବାବେଳେ ଏହା ଶାନ୍ତି ଶୃଙ୍ଖଳାର ସହ ସରିଥିବାରୁ ସମସ୍ତ ସଂଘ ଓ ପୂଜା କମିଟି ଥାନା ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ମେଢ଼ରୁ ଖସି ଯୁବକ ଗୁରୁତର

ଚୌଦ୍ୱାର (ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ଅଧୀନ ୧୭ ନମ୍ବର ୱାର୍ଡ଼ ନୂଆସାହିରେ ରବିବାର ଗଣେଶ ମେଢ଼ ବିସର୍ଜନ ଶୋଭାଯାତ୍ରା ସମୟରେ ମେଢ଼ ଉପରେ ଚଢ଼ିଥିବା ଜଣେ ଯୁବକ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୂଆସାହିର ରାମଚନ୍ଦ୍ର ବିରୁଆ(୨୬)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ମେଢ଼ ଶୋଭାଯାତ୍ରାବେଳେ ରାମ ମେଢ଼ ଉପରେ ଚଢ଼ିଥିଲେ। ହଠାତ୍ ସେ ପଛରେ ଥିବା ଚଳନ୍ତା ଜେନେରେଟର ଉପରେ ପଡ଼ିଯିବାରୁ ଜେନେରେଟର ଫ୍ୟାନ୍ ଲାଗି ତାଙ୍କ ଗୁପ୍ତାଙ୍ଗରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଯୁବକ ତାଙ୍କୁ ନେଇ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି।

**ସଂକ୍ଷେପରେ**

## ସମ୍ଭାବ୍ୟ ଲଘୁଚାପକୁ ନେଇ ବିଭିନ୍ନ ପଞ୍ଚାୟତରେ ପ୍ରସ୍ତୁତି

**କଟକ ସଦର ବ୍ଲକ**

**କଟକ ସଦର,୨୫।୯(ସୁଶାନ୍ତ କୁମାର ଜେନା):** ଅକ୍ଟୋବର ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ କଟକ ସଦର ବ୍ଲକ ଅଞ୍ଚଳର ଲୋକେ ଆଶଙ୍କାରେ ରହିଛନ୍ତି। ଯଦିଓ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରକାରର ସତର୍କ ସୂଚନା ଜାରି କରାଯାଇ ନାହିଁ, ତଥାପି ବିଭିନ୍ନ ପଞ୍ଚାୟତରେ ଅଣ ଔପଚାରିକଭାବେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କେଉଁ ସ୍ଥାନରେ ବାତ୍ୟା ଆଶ୍ରୟ ସ୍ଥଳୀ ଖୋଲାଯିବ ସେଥିପାଇଁ ତାଲିକା ପ୍ରସ୍ତୁତ କରାଯାଇଛି। ସେସବୁ ସ୍ଥାନ ମାନଙ୍କରେ ପାନୀୟ ଜଳର ବ୍ୟବସ୍ଥା,ଗାଈ ଗୋରୁ ରହିବା ସହ ପ୍ରାଣୀଙ୍କ ଆହାର ମହଜୁଦ ରଖିବା ନିମନ୍ତେ ସମୀକ୍ଷା ଚାଲିଛି। କେବଳ ନିର୍ଦ୍ଦେଶନାମା ଆସିଲା ମାତ୍ରେ ଅସ୍ଥାୟୀ ଆଶ୍ରୟ ସ୍ଥଳକୁ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟରେ ପୂର୍ବ ପ୍ରସ୍ତୁତି ବୈଠକ କରାଯାଇଥିଲା। ୨୦୧୯ ମେ ୨ରେ ବାତ୍ୟା ଫନି କଟକ ସଦର ବ୍ଲକ ଅଞ୍ଚଳରେ ପ୍ରଭାବ ପକାଇଥିଲା। ଏହାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ମେ ମାସ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ୨୩ଟି ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ସ୍କୁଲରେ ଖୋଲିଥିଲା। ଏଠାରେ ଲୋକମାନଙ୍କ ଖାଦ୍ୟପେୟର ବ୍ୟବସ୍ଥା ବାବଦକୁ ୬୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପଞ୍ଚାୟତ ମାଧ୍ୟମରେ ଖର୍ଚ୍ଚ ହୋଇଥିଲା। ମାତ୍ର ଏସବୁ କାର୍ଯ୍ୟର ପ୍ରାକ ଆକଳନ ଫାଇଲ ବ୍ଲକ କାର୍ଯ୍ୟାଳୟରୁ ଗାଏବ ହୋଇଯାଇଛି ବୋଲି ବିଡିଓ ରାଜୀବ ଲୋଚନ ପରିଡ଼ା ବୈଠକରେ କହିଛନ୍ତି।

## ଗୁରୁ ପ୍ରସାଦ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ,୨୫।୯(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ଖପୁରିଆସ୍ଥିତ ପଞ୍ଚମୁଖୀ କଲ୍ୟାଣ ମଣ୍ଡପଠାରେ ରବିବାର ବିଶିଷ୍ଟ ସାହିତ୍ୟିକ, ସଙ୍ଗଠକ, ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ଡ. ଗୁରୁ ପ୍ରସାଦ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ବିମଳ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସ୍ମୃତିରେ ଗୁରୁପ୍ରସାଦ' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ବିଚିତ୍ରାନନ୍ଦ ମିଶ୍ର ମୁଖ୍ୟବକ୍ତା ଏବଂ ଚଣ୍ଡୀପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାବୁ ସରକାରୀ ଚାକିରିରୁ ଅବସର ନେବା ପରେ ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ସାମିଲ ହୋଇ ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ଥିଲେ। ବିଶେଷକରି ଓଡ଼ିଆ ଭାଷାର ବିକାଶ ଓ ସୁରକ୍ଷା ଦିଗରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସର୍ବଶ୍ରୀ ରାଧାକୃଷ୍ଣ ଦାସ, ନଳିନୀପ୍ରଭା ନାୟକ, ଅଶ୍ୱିନୀ ସେଠୀ, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଡା. ଦୀନବନ୍ଧୁ ମହାରଣା, ଭୁବନାନନ୍ଦ ମହାନ୍ତି ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ରାଜ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟକାରୀ ହେଉନି ତଦନ୍ତ କମିଶନଙ୍କ ସୁପାରିସ

**ରାଜ୍ୟରେ ବିଷାକ୍ତ ମଦମୃତ୍ୟୁ ଘଟଣା**

**୩୫ ବର୍ଷରେ ୨୮୭ ଜଣଙ୍କ ପ୍ରାଣହାନି**

କଟକ,୨୫।୯ (କାର୍ତ୍ତିକ ସାହୁ)

୧୯୮୯ ମସିହାରୁ ଅଦ୍ୟାବଧି ଦୀର୍ଘ ୩୫ ବର୍ଷ ମଧ୍ୟରେ ରାଜ୍ୟରେ ବିଷାକ୍ତ ମଦମୃତ୍ୟୁ ଘଟଣାରେ ୨୮୭ ଜଣଙ୍କ ପ୍ରାଣହାନୀ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ମାମଲାଗୁଡ଼ିକର ତଦନ୍ତ ପାଇଁ ୧୧ଟି ତଦନ୍ତ କମିଶନ ଗଠନ କରାଯାଇଥିବା ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟରୁ ଜଣାଯାଇଛି। ତେବେ ସୂଚନା ଆଇନ ବଳରେ ତଥ୍ୟ ହାସଲ କରିଥିବା ଆଇନଜୀବୀ ତଥା ପ୍ରଦେଶ କଂଗ୍ରେସ କର୍ମକର୍ତ୍ତା ନିଶିକାନ୍ତ ମିଶ୍ର ପ୍ରତି ମାମଲାରେ ତଦନ୍ତ କମିଶନ ପ୍ରଦାନ କରିଥିବା ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ବାଲେଶ୍ୱର ଜିଲା ନୀଳଗିରିରେ ବିଷାକ୍ତ ମଦ ପିଇ ୧୯୮୯ ମସିହା ଫେବୃୟାରୀ ୨ ତାରିଖରେ ୧୪ ଜଣଙ୍କ ପ୍ରାଣହାନୀ ଘଟିଥିଲା। ବାଲେଶ୍ୱର ଏଡିଏମ୍ ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଭଦ୍ରକରେ ୧୯୯୦ ମସିହା ମାର୍ଚ୍ଚ ୧୫ ତାରିଖରେ ବିଷାକ୍ତ ମଦ ପିଇ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା। କଟକର ତତ୍କାଳୀନ ଆର୍‌ଡିସି ଏହାର ତଦନ୍ତ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ୧୯୯୨ ମସିହା ମଇ ମାସରେ କଟକରେ ବିଷାକ୍ତ ମଦ ପିଇ ୧୩୪ ଜଣଙ୍କର ପ୍ରାଣହାନୀ ଘଟିଥିଲା। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବି.କେ. ବେହେରାଙ୍କ ଅଧ୍ୟକ୍ଷତାରେ ଏହାର ତଦନ୍ତ କରାଯାଇଥିଲା। ଏହି ଘଟଣାରେ ୧୧୦ ଜଣ ମୃତକଙ୍କ ପରିବାରକୁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯାଇଥିଲା। ଗଞ୍ଜାମର ପୁରୁଷୋତ୍ତମପୁରରେ ୧୯୯୪ ମସିହା ଅଗଷ୍ଟ ମାସରେ ମଧ୍ୟ ୪ ଜଣଙ୍କ ପ୍ରାଣହାନୀ ଘଟିଥିଲା। ପୁଣି ଭଦ୍ରକରେ ୧୯୯୬ ଏପ୍ରିଲରେ ୨ ଜଣଙ୍କ ପ୍ରାଣହାନୀ ଘଟିଥିଲା। ଅବକାରୀ କମିସନର ଏହାର ତଦନ୍ତ କରିଥିବା ବେଳେ କାହାରିକୁ କ୍ଷତିପୂରଣ ଦିଆଯାଇନାହିଁ। ସେହିପରି ୨୦୦୧ ମସିହା ଫେବୃୟାରି ମାସରେ ପୁରୀରେ ୨୦ ଜଣ ଓ ଖୋର୍ଦ୍ଧାରେ ୧୦ ଜଣ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିଲେ। ୨୦୦୬ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଗଞ୍ଜାମରେ ମଦ ପିଇ ୩୦ ଜଣ ମୃତ୍ୟୁ ବରଣ କରିଥିଲେ । ଏହି ଘଟଣାରେ ୨୩ ଜଣ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୨୦୦୯ ମସିହା ମଇ ୪ ଓ ୫ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ବଡ଼ପୋଖରିଆରେ ବିଷାକ୍ତ ମଦ ପିଇ ୪ ଜଣ ପ୍ରାଣ ହରାଇଥିଲେ। ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ମିଳିଛି । ସେହିପରି ୨୦୦୯ ଜୁନ୍ ୨୫ ଓ ୨୬ ତାରିଖରେ ବଲାଙ୍ଗିରରେ ହୋଇଥିବା ମଦମୃତ୍ୟୁ ଘଟଣାରେ ୭ ଜଣଙ୍କ ପ୍ରାଣହାନୀ ହୋଇଥିବାବେଳେ ମୃତକଙ୍କ ପରିବାର ସଦସ୍ୟଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୨୦୧୦ ମସିହା ଫେବୃୟାରୀ ୨୭ ତାରିଖରେ କଟକ ଜିଲାର ନାନପୁର ଓ କୁକୁଡାଙ୍ଗରେ ବିଷାକ୍ତ ମଦ ପିଇ ୨ ଜଣ ମୃତ୍ୟୁବରଣ କରିଥିଲେ। ୨୦୧୨ ମସିହା ଫେବୃୟାରୀ ୬ରୁ ୯ ତାରିଖ ମଧ୍ୟରେ କଟକରେ ବିଷାକ୍ତ ମଦ ପିଇ ୪୩ ଜଣଙ୍କ ପ୍ରାଣହାନୀ ହୋଇଥିଲା। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ. ଏସ୍. ନାଇଡୁ ଘଟଣାର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ।




ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ସୋମବାର କିଶନ ନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି।

# ବୁଲା ଷଣ୍ଢ, ଗୋରୁବେକରେ ରେଡିୟମ ବେଲ୍ଟ



**ଦୁର୍ଘଟଣା ସୁରକ୍ଷା ଦେବା ପାଇଁ ବନ୍ଧାଯାଉଛି**

ସାଲେପୁର, ୨୫।୯(ଅରବିନ୍ଦ ଭୂୟାଁ)

ଅନ୍ଧାର ରାତିରେ ରାସ୍ତାରେ ବୁଲୁଥିବା ବୁଲା ଷଣ୍ଢ ଓ ଗୋରୁ ଗାଈଙ୍କ ପାଇଁ ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଅନ୍ଧାର ରାତିରେ ଯାନବାହନ ଚାଳକମାନେ ବୁଲା ଷଣ୍ଢ ଓ ଗୋରୁ ଗାଈମାନଙ୍କୁ ଜାଣି ନ ପାରି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏହାକୁ ଏଡ଼ାଇବାପାଇଁ ଅଭିନବ ଉପାୟ ବାଛିଛନ୍ତି ସପନପୁର ଗ୍ରାମର ଯୁବ ସାମାଜିକ କର୍ମୀ ତଥା 'ମୋ ମା ଗୋ ସୁରକ୍ଷା ଅଭିଯାନ' ର ସଭାପତି ସମ୍ବିତ ଦାଶ। ସେ ସାଲେପୁର ଅଞ୍ଚଳ ସମେତ ବିଭିନ୍ନ ଜିଲାରେ ରାସ୍ତା ପାର୍ଶ୍ୱରେ ବୁଲୁଥିଲା ଷଣ୍ଢ ଓ ବୁଲା ଗୋରୁଙ୍କ ବେକରେ ରେଡିଅମ ବେଲ୍ଟ ବାନ୍ଧି ସେମାନଙ୍କ ପାଇଁ ଘଟୁଥିବା ଦୁର୍ଘଟଣାକୁ ରୋକିବା ପାଇଁ ଉଦ୍ୟମ କରିଛନ୍ତି। ରବିବାର ସନ୍ଧ୍ୟାରେ ସେ ସାଲେପୁର ସହର ର ରାସ୍ତା ପାର୍ଶରେ ବୁଲୁଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଷଣ୍ଢ ଓ ବୁଲା ଗୋରୁ ଗାଈଙ୍କ ବେକରେ ଏହି ରେଡିୟମ ବେଲ୍ଟ ବାନ୍ଧି ଥିଲେ। ଏହି କାର୍ଯ୍ୟକ୍ରମରେ ମୋ ମା ଗୋ ସୁରକ୍ଷା ଅଭିଯାନ ସମ୍ପାଦକ ଶିଶିର କୁମାର ଦାଶ, ସୁଦତ୍ତା କର, ସୁବାଶିଷ ଦାଶ, ଚିତ୍ତ ରଞ୍ଜନ କାଣ୍ଡି, ଖବରଦାତା ହୃଷିକେଶ ମଲ୍ଲିକ, ହେମନ୍ତ ଭୂୟାଁ , ଅରବିନ୍ଦ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ନାରାୟଣ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟା ଦାସ ପାଇଲେ ପ୍ରଥମ ରମ୍ଭାଦେବୀ ସେବା ସମ୍ମାନ



କଟକ,୨୫।୯ (କାର୍ତ୍ତିକ ସାହୁ)

ସାମାଜିକ କର୍ମୀ ବିଦ୍ୟା ଦାସଙ୍କୁ ପ୍ରଥମ ରମ୍ଭାଦେବୀ ସେବା ସମ୍ମାନ ପ୍ରଦାନ କରାଯାଇଛି। ସେବା ସମିତି ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ରମ୍ଭାଦେବୀଙ୍କ ୨୩ତମ ଶ୍ରାଦ୍ଧ ଦିବସ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀମତୀ ଦାସ ଏବେ ଆମେରିକାରେ ରହୁଥିବାରୁ ତାଙ୍କ ପାଇଁ ଅଚ୍ୟୁତ ଦାସ ସମ୍ମାନ ଗ୍ରହଣ କରିଥିଲେ। ସେବା ସମିତିର ବରିଷ୍ଠ ସଦସ୍ୟା ଆଭା କାନୁନଗୋଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବିଧାୟକ ଇଂ ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ, ମୁଖ୍ୟବକ୍ତା ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଓ ସମ୍ମାନିତ ବକ୍ତା ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ କର, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାଉ, ଅଧିବକ୍ତା ଦେବେନ୍ଦ୍ର କୁମାର ପରି ଅଭିମନ୍ୟୁ ସେଠୀ, ଅମୀୟ ଭୂଷଣ ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ ପୂର୍ବକ ରମ୍ଭାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେବା ସମିତି ସମ୍ପାଦିକା ମନ୍ଦାକିନୀ ଜେମା ବିବରଣୀ ପାଠ କାର୍ଯ୍ୟକାରୀ ସଭାପତି ରମାକାନ୍ତ ନଥ ଧନ୍ୟବାଦ ଅର୍ପଣ କରିଥିଲେ। ଇନ୍ଦୁମତି ସାହୁ ଓ ଅନ୍ୟାମାନେ ଶ୍ରାଦ୍ଧ ସଭାରେ ସର୍ବଧର୍ମ ପ୍ରାର୍ଥନ ଗାନ ଓ ଦୁର୍ଗାମାଧବ ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

# ସ୍ୱତନ୍ତ୍ର ଟାସ୍କଫୋର୍ସ କାର୍ଯ୍ୟ କରିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**ଗଙ୍ଗୁଆ ନାଳ ପ୍ରଦୂଷଣ ମାମଲା**

କଟକ,୨୫।୯ (କାର୍ତ୍ତିକ ସାହୁ)

ଭୁବନେଶ୍ୱର ଉପକଣ୍ଠରେ ଯାଇଥିବା ଗଙ୍ଗୁଆ ନାଳକୁ ପ୍ରଦୂଷଣମୁକ୍ତ କରିବାରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ କାର୍ଯ୍ୟ କରିବାକୁ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଧିକରଣର ବିଚାରପତି ବି. ଅମିତ ସ୍ଥାଲେକର ଓ ଡ. ଅରୁଣ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଗଙ୍ଗୁଆ ନାଳ ପ୍ରଦୂଷଣ ମାମଲା ଅନ୍ତ ଘଟାଇଛନ୍ତି।

ଭୁବନେଶ୍ୱର ବର୍ଜ୍ୟଜଳ ଯୋଗୁଁ ଚନ୍ଦକା ସଂରକ୍ଷିତ ବନାଞ୍ଚଳରୁ ବାହାରିଥିବା ଗଙ୍ଗୁଆ ନାଳ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହୋଇ ରହିଛି। ୪୫ କିଲୋମିଟର ଅତିକ୍ରମ କରିଥିବା ଏହି ନାଳର ପ୍ରଦୂଷିତ ଜଳ ଦ୍ୱାରା ଦୟା ନଦୀ ଓ ଚିଲିକା ହ୍ରଦ ପ୍ରଦୂଷିତ ହେଉଛି। ଗଙ୍ଗୁଆ ନାଳ, ଦୟା ନଦୀ ଓ କୁଆଖାଇ ନଦୀକୁ ପ୍ରଦୂଷଣମୁକ୍ତ କରିବା ଉପରେ ଏନ୍‌ଜିଟି ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱର ସହରରେ ନର୍ଦ୍ଦମା ଜଳ ନିୟନ୍ତ୍ରଣ ପାଇଁ ସ୍ୱରେଜ ପ୍ରକଳ୍ପ ହୋଇ ନଥିବାରୁ ୧୦ଟି ଡ୍ରେନ ଜରିଆରେ ସିଧାସଳଖ ଗଙ୍ଗୁଆ ନାଳରେ ମିଶୁଛି। ଗଙ୍ଗୁଆର ପ୍ରଦୂଷିତ ଜଳ ଦୟା ନଦୀରେ ମିଶି ଚିଲିକା ମଧ୍ୟରେ ପ୍ରବେଶ କରି ତାକୁ ମଧ୍ୟ ପ୍ରଦୂଷିତ କରୁଛି। ତେଣୁ ଗଙ୍ଗୁଆ ନାଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ କାର୍ଯ୍ୟ କରିବ। ଏହି ଟାସ୍କ ଫୋର୍ସ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା କାର୍ଯ୍ୟକ୍ଷମ ହୋଇଛି। ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏହି ଟାକ୍ସ ଫୋର୍ସ ଗଠନ କରାଯିବା ସହ ବିଭିନ୍ନ ପଦେକ୍ଷପ ଗ୍ରହଣ କରାଯାଇଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲାପାଳ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଜଙ୍ଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରାଣାଳୟର ବରିଷ୍ଠ ବୈଜ୍ଞାନିକଙ୍କୁ ଏହି କମିଟିରେ ସ୍ଥାନିତ କରାଯାଇଛି। ଏହି କମିଟି ଦ୍ୱାରା ଗଙ୍ଗୁଆକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ନର୍ଦ୍ଦମା ଜଳକୁ ପ୍ରଦୂଷଣମୁକ୍ତ କରିବା ଲାଗି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର କାର୍ଯ୍ୟ ନଭେମ୍ବର ମାସ ସୁଦ୍ଧା ଶେଷ ହେବ। କୁଆଖାଇ, ଗଙ୍ଗୁଆ ନାଳ ଓ ଦୟାନଦୀକୁ ପ୍ରଦୂଷଣମୁକ୍ତ ଲାଗି ସ୍ୱତନ୍ତ୍ର ଟାସ୍କ ଫୋର୍ସ କାର୍ଯ୍ୟ କରିବ। ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଜାରି ରହିଥିବା ବେଳେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ହୋଇଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଙ୍ଗୁଆ, ଦୟାନଦୀ ଓ କୁଆଖାଇ ନଦୀକୁ ପ୍ରଦୂଷଣ ମୁକ୍ତ ରଖିବା ନିମନ୍ତେ କାର୍ଯ୍ୟ କରିବା ନେଇ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷ ବର୍ଷ ଧରି ଗଙ୍ଗୁଆ ନାଳର ଏପରି ଅବସ୍ଥା ଲାଗି ରହିଥିବା ବେଳେ ଦୟା ଓ ଚିଲିକାକୁ ପ୍ରଦୂଷଣମୁକ୍ତ କରିବାକୁ ହେଲେ ପ୍ରଥମେ ଗଙ୍ଗୁଆ କେନାଲକୁ ପ୍ରଦୂଷଣମୁକ୍ତ ରଖିବାକୁ ହେବ ବୋଲି ଆବେଦନ କରି ସାମାଜିକ କର୍ମୀ ବୃନ୍ଦାବନ ଦାସ ଆଜାଦ ଏନ୍‌ଜିଟିରେ ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଫ୍ରାଜ ସୁହେଲେ ମାମଲା ପରିଚାଳନା କରୁଥିଲେ।

## ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ

କଟକ,୨୫।୯ (କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଡାକ୍ତର ଦୀପକ ରାଜ ବିବରଣୀ ପାଠ କରିଥିଲେ। ପ୍ରବନ୍ଧ ପାଠ କାର୍ଯ୍ୟକ୍ରମରେ ହେମନ୍ତ କୁମାର ପରିଡ଼ା ପକ୍ଷୀ ରାଇଜର ବାଦଶାହ : ଇଗଲ, ଡା. ସଚ୍ଚିଦାନନ୍ଦ ଶତପଥୀଙ୍କ ପ୍ରବନ୍ଧ ଜାଙ୍ଖୋମା। ଇଲୋକ୍ଟ୍ରୋନିକ ଆବର୍ଜନା ପରିଚାଳନା ଏକ ଆହ୍ୱାନ ପାଠ କରିଥିଲେ ଡ. ଆଶୁତୋଷ ଦେବତା। ଡ. ଜ୍ୟୋତିଷ ଚନ୍ଦ୍ର ମହାନ୍ତିଙ୍କ ପ୍ରବନ୍ଧ ପୃଥିବୀ ବାହାରେ ଜୀବ ସତ୍ତା, କବିତା ପାଟ୍ଟଶାଣୀ ପାଠ କରିଥିଲେ ଭାରତର ରକେଟ ଓମେନ ଡ. ବୃକ୍ଷଲତା : ଆମର ଜୀବନ ଦାତା। ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ଉପସ୍ଥାପିତ ପ୍ରବନ୍ଧ ଟିର ଶୀର୍ଷକ ଜହ୍ନ ରାଇଜରେ ଜମିକିଣା ଅତ୍ୟନ୍ତ ଚମତ୍କାର ହୋଇଥିଲା। ଉପସ୍ଥିତ ସଭ୍ୟ ମାନଙ୍କ ମଧ୍ୟରେ ପ୍ରକାଶ ରଞ୍ଜନ ଦାଶ, ଶ୍ରୀ ଅକ୍ଷୟ କୁମାର ମିଶ୍ର, ଚୌଧୁରୀ ଶରତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଳାବ୍ୟାଜ୍ ପିନ୍ଧି ଜେଲ କର୍ମଚାରୀଙ୍କ ଆମରଣ ଅନଶନ

ମଙ୍ଗୁଳି-ଜଗତପୁର, ଚୌଦ୍ୱାର/ ବଡ଼ମ୍ବା, (ଆଶୁତୋଷ ଦାସ/ମାନସ ସାମଲ/ମାୟାଧର ମଲ୍ଲିକ),୨୫।୯

ଚୌଦ୍ୱାର ମଣ୍ଡଳ କାରାଗାର ସମ୍ମୁଖରେ କର୍ମଚାରୀମାନେ ୫ ଦଫା ଦାବି ନେଇ ସୋମବାର କଳାବ୍ୟାଜ୍ ପିନ୍ଧି ଆମରଣ ଅନଶନ ଜାରି ରଖିଛନ୍ତି। ଗ୍ରେଡ୍‌ପେ ୧୯୦୦ ଟଙ୍କାରୁ ୨୦୦୦ ଟଙ୍କା ଓ ମୁଖ୍ୟ ୱାର୍ଡ଼ରଙ୍କ ଗ୍ରେଡ୍‌ପେ ୨୦୦୦ରୁ ୨୪୦୦ଟଙ୍କାକୁ ବୃଦ୍ଧି, ବରିଷ୍ଠତା ଭିତ୍ତିରେ ପଦୋନ୍ନତି ନିୟମ ୨୦୧୨କୁ କାର୍ଯ୍ୟକାରୀ କରିବା, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟଭତ୍ତା ୪୦୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି କରିବା ଏବଂ ୧୩ ମାସିଆ ବେତନ ଲାଗୁ କରିବା ଆଦି ଦାବି ପୂରଣ ପାଇଁ ନିଖିଳ ଓଡ଼ିଶା କାରା କର୍ମଚାରୀ ସଂଘ ଦାବି କରିଛି। ଗତ ୧୩ ତାରିଖରୁ ଜେଲ କର୍ମଚାରୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ରାଜ୍ୟବ୍ୟାପୀ ଚାଲୁ ରହିଛି। ଦାବି ପୂରଣ ଦିଗରେ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆ ନ ଯିବାରୁ କର୍ମଚାରୀ ସୋମବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। କର୍ମଚାରୀମାନେ ଆନ୍ଦୋଳନ କରିବା ସହିତ ତାଙ୍କ ଡ୍ୟୁଟି ମଧ୍ୟ କରୁଥିବା ଦେଖିବାକୁ ମିଳିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ଚୌଦ୍ୱାର ମଣ୍ଡଳ କମିଟି ସଭାପତି ଅଜିତ ନାୟକ, ସମ୍ପାଦକ ମନୋଜ ସେଠୀ, କୋଷାଧ୍ୟକ୍ଷ ରାକେଶ କର, ଯୁଗ୍ମ ସମ୍ପାଦକ ନବ ନିର୍ମୂଳି ଦାସ, ଉପସଭାପତି ବିମଳକାନ୍ତ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନଶନରେ ମୋନାଲିସା ବିଶ୍ୱାଳ, ନିନୁବାଳା ସେଠୀ, ସବିତା ସାହୁ, ଆରତି ସେଠୀ, ମାନାନି ସାମଲ ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଜେଲ କର୍ମଚାରୀ ସାମିଲ ହୋଇଛନ୍ତି।

ସେହିପରି ପାଞ୍ଚ ଦଫା ଦାବୀ ନେଇ ବଡମ୍ବା ଉପକାରାଗାର କର୍ମଚାରୀଙ୍କ ଆମରଣ ଅନଶନ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରୀ ରହିବ ବୋଲି ପ୍ରକାଶ ପାଇଛି। ଏହି ଆମରଣ ଅନଶନ ବେଳେ କୌଣସି ଅଘଟଣ ପାଇଁ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ କର୍ମଚାରୀ କହିଛନ୍ତି।



ଚୌଦ୍ୱାର ମଣ୍ଡଳ କାରାଗାର ସମ୍ମୁଖରେ କର୍ମଚାରୀମାନେ ୫ ଦଫା ଦାବି ନେଇ ଆମରଣ ଅନଶନରେ ବସିଛନ୍ତି।

# ଉପଖଣ୍ଡ ଚିକିତ୍ସାଳୟରେ ଶିଶୁ ବହିଃ ବିଭାଗ ବନ୍ଦ

- ହତାଶ ହୋଇ ଫେରୁଛନ୍ତି ରୋଗୀ
- ନିଶ୍ଚେତକ ଡାକ୍ତର ନ ଥିବାରୁ ଅସ୍ତ୍ରୋପଚାର ହୋଇପାରୁନି

ବାଙ୍କୀ,୨୫।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଶିଶୁ ବିଭାଗର ବହିଃ ବିଭାଗ ସେପ୍ଟେମ୍ବର ୨୩ରୁ ୨୯ ପର୍ଯ୍ୟନ୍ତ ବନ୍ଦ ରହିଛି। ଏନେଇ ବହିଃ ବିଭାଗର ୱାର୍ଡର ମୁଖ୍ୟ କବାଟରେ ବିଜ୍ଞାପନ ଲଗାଯାଇଛି। ଏହି ବିଭାଗର ୨ ଜଣ ଡାକ୍ତର ବିଶ୍ୱବନ୍ଦନ ରାଉତରାୟ ଓ ବନବାସୀ ବେହେରା ଛୁଟିରେ ଥିବାରୁ ଏପରି ଅବସ୍ଥା ହୋଇଥିବା ଜଣାପଡ଼ିଛି। ଫଳରେ ପ୍ରତ୍ୟହ ଶହ ଶହ ଶିଶୁ ରୋଗୀ ଚିକିତ୍ସା ଅଭାବରୁ ହତାଶ ହୋଇ ଫେରୁଛନ୍ତି। ଶିଶୁମାନଙ୍କ ଚିକିତ୍ସା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରା ନ ଯାଇ ଦାୟିତ୍ୱରେ ଥିବା ଉଭୟ ଡାକ୍ତରଙ୍କ ଛୁଟି ମଞ୍ଜୁର କରାଯାଇଥିବାରୁ ସାଧାରଣରେ ଅସନ୍ତୋଷବ୍ୟକ୍ତ କରାଯାଇଛି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ପଚାରିବାରେ, ସେମାନଙ୍କର ଜରୁରୀ କାର୍ଯ୍ୟ ଥିବାରୁ ଛୁଟି ମଞ୍ଜୁର କରାଯାଇଛି ବୋଲି କହିଛନ୍ତି। ଅପରପକ୍ଷେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ନିଶ୍ଚେତକ ଡାକ୍ତରଙ୍କ ନିଯୁକ୍ତିକୁ ୨ ବର୍ଷରୁ ଅଧିକ ଦିନ ବିତିଯାଇଥିବାବେଳେ ମଧ୍ୟ ସେ ଆସୁନାହାନ୍ତି। ନିଯୁକ୍ତିର ମାସେ ଭିତରେ ସେ ଡେପୁଟେଶନରେ କ୍ୟାପିଟାଲ୍ ହସ୍ପିଟାଲକୁ ଯାଇଥିଲେ। ସେଠାରେ କାମ କରୁଥିଲେ ମଧ୍ୟ ଦରମା ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରୁ ନେଉଥିଲେ। ପରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ କର୍ତ୍ତୃପକ୍ଷ ତାଙ୍କ କାର୍ଯ୍ୟ ସମ୍ପର୍କରେ ପ୍ରମାଣପତ୍ର ନ ଦେବାରୁ ଦରମା ବନ୍ଦ କରାଯାଇଥିଲା। ସେ ଏବେ କ୍ୟାପିଟାଲ୍ ହସ୍ପିଟାଲରେ ମଧ କାର୍ଯ୍ୟ କରୁ ନଥିବା ଜଣାପଡ଼ିଛି। ଡାକ୍ତର ଆସୁନଥିବା ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ କଟକ ସିଡିଏମ୍‌କୁ ଜଣେଇଥିଲେ। ପରେ ନିଶ୍ଚେତକ ଡାକ୍ତରଙ୍କୁ ଚିଠି ମାଧ୍ୟମରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଡାକରେ ତାଙ୍କ ନାମରେ ଯେଉଁ ଚିଠି ଯାଉଛି ତାହା ସବୁ ଫେରି ଆସୁଛି। ନିଶ୍ଚେତକ ଡାକ୍ତରଙ୍କ ସମ୍ବନ୍ଧରେ କୌଣସି ସୂଚନା ମିଳୁନାହିଁ ବୋଲି କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି। ନିଶ୍ଚେତକ ଡାକ୍ତର ନ ଥିବାରୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ କୌଣସି ଅସ୍ତ୍ରୋପ୍ରଚାର ହୋଇପାରୁ ନାହିଁ। ଫଳରେ ଅସ୍ତ୍ରୋପ୍ରଚାର ପାଇଁ ରୋଗୀମାନେ ଘରୋଇ ହସ୍ପିଟାଲ୍ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେବାପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।




ଶିଶୁବିଭାଗ ବହିଃ ବିଭାଗର କବାଟରେ ଲଗାଯାଇଥିବା ବିଜ୍ଞାପନ।

**ସଂକ୍ଷେପରେ**

## ୭ ନମ୍ବର ନାଳ ପୋତି ନିର୍ମାଣ

ପୁରୁଣା ଭୁବନେଶ୍ୱର,୨୫।୯ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବିକାଶ ଯୋଜନାରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଜବରଦଖଲକାରୀ, କେତେଜଣ ଜମି ମାଫିଆଙ୍କ ପାଇଁ ଏହି ଐତିହ୍ୟ ଅଞ୍ଚଳରେ ବେଆଇନ ନିର୍ମାଣ ଗଢ଼ିଉଠିଛି। ଏହିକ୍ରମରେ କୋଟିତୀର୍ଥ ଲେନରେ ଥିବା ସୁବର୍ଣ୍ଣ ଜଳେଶ୍ୱର ମନ୍ଦିର ନିକଟରେ ସରକାରଙ୍କ ଅଧିକୃତ ଜମିକୁ ଜଣେ ଗେଷ୍ଟହାଉସ ମାଲିକ କଂକ୍ରିଟ କରିବା ଏବଂ ଏହାର ସଂଲଗ୍ନ ୭ନଂ. ନାଳ ପୋତି ବେଆଇନଭାବେ ଟାଇଲି ବଛାଇବା ଆମସାର ଆଖିକୁ ଅଣଦେଖା କରୁଛି। ଏହି ମନ୍ଦିରଠାରୁ ୧୦ଫୁଟ ବ୍ୟବଧାନରେ କରାଯାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଗୌତମ ନଗର ମୌଜାର ପ୍ଲଟ ନଂ.୨୨୪୫ ଏବଂ ୪୨୬୧ରେ ପାଣିନାଳ ରହିଛି। ଏହା ନିକଟରେ ପ୍ଲଟ ନଂ. ୨୨୪୬ ଓ ୩୨୬୬ ସୁବର୍ଣ୍ଣ ଜଳେଶ୍ୱର ମନ୍ଦିର ରହିଛି। ତେବେ ଏହା ନିକଟରେ ଥିବା ଏକ ପ୍ଲଟର ମାଲିକାନା ସ୍ୱତ୍ତ୍ୱ ବିଏମ୍‌ସି ନାମରେ ଥାଇ କିଭଳି ଜବରଦଖଲ ହୋଇ ଅଟ୍ଟାଳିକା ନିର୍ମାଣ କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଉକ୍ତ ସ୍ଥାନରୁ ଜବରଦଖଲ ହଟାଯିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି। ଉକ୍ତ ଗେଷ୍ଟହାଉସ ମାଲିକ କହିଛନ୍ତି, ବିଡିଏ ଓ ବିଏମ୍‌ସି ଠାରୁ ଏନ୍‌ଓସି ଆଣିବା ପରେ ନିର୍ମାଣ କରାଯାଇଛି। ବେଆଇନ ଭାବେ ନିର୍ମାଣ କରାଯାଇନାହିଁ। ଏହା ତାଙ୍କ ବ୍ୟକ୍ତିଗତ ଜମି। ଆବଶ୍ୟକସ୍ଥଳେ କ୍ଷତିପୂରଣ ପ୍ରଦାନ କରି ସରକାର ଜମି ଅଧିଗ୍ରହଣ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ଫେରାର ଯୁବକ ଗିରଫ, ମୋବାଇଲ ଜବତ

ବାଲିଅନ୍ତା,୨୫।୯(ନୀଳମାଧବ ସାହୁ)

ପାହାଳ ଥାନା ନହରକଣ୍ଟାସ୍ଥିତ ଏକ ହାଇସ୍କୁଲ ସମ୍ମୁଖରେ ୪ମାସ ତଳେ ଜଣେ ଡ୍ରାଇଭରଙ୍କଠାରୁ ଏକ ଫୋନ ଓ ୧ହଜାର ଟଙ୍କା ଛଡାଇ ନେଇଥିବା ଅଭିଯୋଗରେ ପୋଲିସ ଫେରାର ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଗୌରାଙ୍ଗ ସାମଲ(୩୦)। ପୋଲିସ ତାଙ୍କ ପାଖରୁ ମୋବାଇଲ ଫୋନ ଜବତ କରିଛି। ହଂସପାଳ ଛକରେ ବୁଲୁଥିବାବେଳେ ପୋଲିସ ତାଙ୍କୁ ସେଠାରୁ ଧରିଥିଲା।

# କାର୍ଯ୍ୟକାରୀ ହେଉନି ତଦନ୍ତ କମିଶନଙ୍କ ସୁପାରିସ

କଟକ,୨୫।୯ (କାର୍ତ୍ତିକ ସାହୁ)

■ ରାଜ୍ୟରେ ବିଷାକ୍ତ ମଦମୃତ୍ୟୁ ଘଟଣା
■ ୩୫ ବର୍ଷରେ ୨୮୭ ଜଣଙ୍କ ଜୀବନ ଯାଇଛି

୧୯୮୯ ମସିହାରୁ ଅଦ୍ୟାବଧି ଦୀର୍ଘ ୩୫ ବର୍ଷ ମଧ୍ୟରେ ରାଜ୍ୟରେ ବିଷାକ୍ତ ମଦମୃତ୍ୟୁ ଘଟଣାରେ ୨୮୭ ଜଣଙ୍କ ପ୍ରାଣହାନି ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ମାମଲାଗୁଡ଼ିକର ତଦନ୍ତ ପାଇଁ ୧୧ଟି ତଦନ୍ତ କମିଶନ ଗଠନ କରାଯାଇଥିବା ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟରୁ ଜଣାଯାଇଛି। ତେବେ ସୂଚନା ଆଇନ ବଳରେ ତଥ୍ୟ ହାସଲ କରିଥିବା ଆଇନଜୀବୀ ତଥା ପ୍ରଦେଶ କଂଗ୍ରେସ କର୍ମକର୍ତ୍ତା ନିଶିକାନ୍ତ ମିଶ୍ର ପ୍ରତି ମାମଲାରେ ତଦନ୍ତ କମିଶନ ପ୍ରଦାନ କରିଥିବା ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁସାରେ, ବାଲେଶ୍ୱର ଜିଲା ନୀଳଗିରିରେ ବିଷାକ୍ତ ମଦ ପିଇ ୧୯୮୯ ମସିହା ଫେବୃୟାରୀ ୨ରେ ୧୪ ଜଣଙ୍କ ପ୍ରାଣହାନୀ ଘଟିଥିଲା। ବାଲେଶ୍ୱର ଅତିରିକ୍ତ ଜିଲାପାଳ ଘଟଣାର ତଦନ୍ତ କରିଥିଲେ। ଅଦ୍ୟାବଧି ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଭଦ୍ରକରେ ୧୯୯୦ ମସିହା ମାର୍ଚ୍ଚ ୧୫ରେ ବିଷାକ୍ତ ମଦ ପିଇ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା। କଟକର ତତ୍କାଳୀନ ଆର୍‌ଡିସି ଏହାର ତଦନ୍ତ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ। ୧୯୯୨ ମସିହା ମେ ମାସରେ କଟକରେ ବିଷାକ୍ତ ମଦ ପିଇ ୧୩୪ ଜଣଙ୍କ ଜୀବନ ଯାଇଥିଲା। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବି.କେ. ବେହେରାଙ୍କ ଅଧ୍ୟକ୍ଷତାରେ ଏହାର ତଦନ୍ତ କରାଯାଇଥିଲା। ଏହି ଘଟଣାରେ ୧୧୦ ଜଣ ମୃତକଙ୍କ ପରିବାରକୁ ୫ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯାଇଥିଲା। ଗଞ୍ଜାମର ପୁରୁଷୋତ୍ତମପୁରରେ ୧୯୯୪ ମସିହା ଅଗଷ୍ଟରେ ମଦ ପିଇ ୪ ଜଣଙ୍କ ପ୍ରାଣହାନୀ ଘଟିଥିଲା। ପୁଣି ଭଦ୍ରକରେ ୧୯୯୬ ଏପ୍ରିଲରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଅବକାରୀ କମିଶନର ଏହାର ତଦନ୍ତ କରିଥିବା ବେଳେ କାହାରିକୁ କ୍ଷତିପୂରଣ ଦିଆଯାଇ ନ ଥିଲା। ସେହିପରି ୨୦୦୧ ଫେବୃୟାରୀରେ ପୁରୀରେ ୨୦ ଜଣ ଓ ଖୋର୍ଦ୍ଧାରେ ୧୦ ଜଣ ବିଷାକ୍ତ ମଦ ପିଇ ମୃତ୍ୟୁବରଣ କରିଥିଲେ। ୨୦୦୬ ମାର୍ଚ୍ଚ ଓ ଏପ୍ରିଲ୍‌ରେ ଗଞ୍ଜାମରେ ମଦ ପିଇ ୩୦ ଜଣ ପ୍ରାଣ ହରାଇଥିଲେ। ଏହି ଘଟଣାରେ ୨୩ ଜଣ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୨୦୦୯ ମସିହା ମେ ୪ ଓ ୫ ତାରିଖରେ ଖୋର୍ଦ୍ଧା ଜିଲାର ବଡ଼ପୋଖରିଆରେ ବିଷାକ୍ତ ମଦ ପିଇ ୪ ଜଣ ପ୍ରାଣ ହରାଇଥିଲେ। ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ମିଳିଥିଲା। ସେହିପରି ୨୦୦୯ ଜୁନ୍ ୨୫ ଓ ୨୬ରେ ବଲାଙ୍ଗିରରେ ହୋଇଥିବା ମଦମୃତ୍ୟୁ ଘଟଣାରେ ୭ଜଣଙ୍କ ଜୀବନ ଯାଇଥିବାବେଳେ ମୃତକଙ୍କ ପରିବାର ସଦସ୍ୟଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୨୦୧୦ ଫେବୃୟାରୀ ୨୭ରେ କଟକ ଜିଲାର ନାନପୁର ଓ କୁକୁଡାଙ୍ଗରେ ବିଷାକ୍ତ ମଦ ପିଇ ୨ ଜଣ ମୃତ୍ୟୁବରଣ କରିଥିଲେ। ୨୦୧୨ ଫେବୃୟାରୀ ୬ରୁ ୯ ତାରିଖ ମଧ୍ୟରେ କଟକରେ ବିଷାକ୍ତ ମଦ ପିଇ ୪୩ ଜଣଙ୍କ ପ୍ରାଣହାନୀ ହୋଇଥିଲା। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ. ଏସ୍. ନାଇଡୁ ଘଟଣାର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ।



## ଗୋଷ୍ଠୀ ସଂଘର୍ଷ, ୩ ଆହତ

ନିମାପଡ଼ା,୨୫।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରେଞ୍ଚ ଶାସନ ପଞ୍ଚାୟତର ବିଅଁଳ ଗ୍ରାମରେ ପୂର୍ବ ଶତ୍ରୁତା ଓ ବିବାଦକୁ କେନ୍ଦ୍ର କରି ରବିବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ରକ୍ତ ସଂଘର୍ଷ ହୋଇଥିଲା। ଏଥିରେ ସେମାନେ ହେଲେ ପ୍ରଦୀପ୍ତ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସଦାଶିବ ପ୍ରଧାନ ୩ ଜଣ ଆହତ ହୋଇ ନିମାପଡ଼ା ଓ ପିପିଲି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଦୀପ୍ତ ଓ ସଦାଶିବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଗଣ୍ଡଗୋଳ ସମ୍ପର୍କରେ ଆହତ ପ୍ରଦୀପ୍ତଙ୍କ ଭାଇ କୃଷ୍ଣଚନ୍ଦ୍ର ପ୍ରଧାନ ୭ ଜଣ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଅନ୍ୟଗୋଷ୍ଠୀର ଆହତ ସୁରେନ୍ଦ୍ର ୪ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏସମ୍ପର୍କରେ ଉଭୟ ପକ୍ଷର ୧୧ ଗଣ୍ଡଗୋଳକାରୀଙ୍କ ବିରୋଧରେ ପୃଥକ ଭାବେ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଗଣ୍ଡଗୋଳକୁ କେନ୍ଦ୍ର କରି ଚାପା ଉତ୍ତେଜନା ଲାଗି ରହିଛି।



'ସ୍ୱରାଭିଷେକ' ପକ୍ଷରୁ ସୋମବାର ସୂଚନାଭବନରେ ଅନୁଷ୍ଠିତ ସଙ୍ଗୀତାମୃତ କାର୍ଯ୍ୟକ୍ରମରେ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ବିଷ୍ଣୁପୁର ବୋମା ମାଡ଼ ଘଟଣା: ୧ ଗିରଫ

ଟିଗିରିଆ,୨୫।୯(ଜାଫର ଖାଁ)

ଟିଗିରିଆ ଥାନା ହାଟମାଳ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ରବିବାର ରାତିରେ ହୋଇଥିବା ବୋମା ମାଡ଼ ଘଟଣାରେ ସୋମବାର ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏହି ଗ୍ରାମର ଶିବ ପ୍ରସାଦ ଗୋଚ୍ଛି। ଅନ୍ୟ ୩ ଜଣ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଜ୍ଞାନରଞ୍ଜନ ସାମଲ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବଶତ୍ରୁତା କେନ୍ଦ୍ରକରି ରବିବାର ଖୁଦୁରୁକୁଣୀ ପୂଜା ସମୟରେ ବାଣ ଫୁଟା ସମୟରେ ୨ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଅନ୍ଧାରର ସୁଯୋଗ ନେଇ ଗୋଟିଏ ଗୋଷ୍ଠୀ ୪ଟି ବୋମା ମାଡ଼ କରିଥିଲା। ଫଳରେ ଗ୍ରାମର ଶ୍ରୀନିବାସ ସାମଲ, ନିଳିଆ ରାଉତ ଓ ସାଗର ଗୋଚ୍ଛି ଗୁରୁତର ହୋଇଥିଲେ। ଏନେଇ ସୋମବାର ଶ୍ରୀନିବାସଙ୍କ ଭାଇ ଗଣେଶ ସାମଲ ଟିଗିରିଆ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୧୯୨/୨୩) ରୁଜୁ କରାଯାଇଛି। ଅପରାହ୍ନରେ କଟକରୁ ସାଇଣ୍ଟିଫିକ ଟିମ୍ ଏବଂ ଆଠଗଡ ଏସ୍‌ଡି ପିଓ ରବୀନ୍ଦ୍ର କୁମାର ମଲ୍ଲିକ ଟିଗିରିଆରେ ପହଞ୍ଚି ତଦନ୍ତ କରିଛନ୍ତି।

## ଜନଶୁଣାଣି ଶିବିରରେ ୫୫ ଅଭିଯୋଗ

ବାଲିପାଟଣା,୨୫।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୫୫ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୪୯ଟି ଅଭିଯୋଗ ବ୍ୟକ୍ତିଗତ ଓ ସମୂହ କାମ ପାଇଁ ୩ଟି ଅଭିଯୋଗ ରହିଛି। ୨ଟି ଅଭିଯୋଗର ତୁରନ୍ତ ଫଇସାଲା କରାଯାଇଥିବା ବେଳେ ରେଡକ୍ରସ ପକ୍ଷରୁ ସହାୟତା ପାଇଁ ଗୋଟିଏ ଅଭିଯୋଗ ବିଚାର ପାଇଁ ଗ୍ରହଣ କରାଯାଇଛି। ତହସିଲଦାର ବୁଲବୁଲ ବେହେରା, ବିଇଓ ଆକାଂକ୍ଷିତା ପ୍ରଧାନ, ବିଡିଓ ଆଦିକନ୍ଦ ବେହେରାଙ୍କ ସମେତ ବ୍ଲକ ଓ ଜିଲାସ୍ତରର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଚକ୍ରବର୍ତ୍ତୀ ପତାକା ଦେଖାଇ କୃଷିରଥର ଶୁଭାରମ୍ଭ କରିଥିଲେ। ବ୍ଲକ ଚେୟାରମ୍ୟାନ ହରପ୍ରିୟା ଦାସ ଉପସ୍ଥିତ ଥିଲେ।



ବାଲିପାଟଣା ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସବୁଜ ପତାକା ଦେଖାଇ କୃଷି ରଥର ଶୁଭାରମ୍ଭ କରୁଛନ୍ତି।

## ଅପରାଧୀଙ୍କ ତାଲିକା ପ୍ରସ୍ତୁତ କଲା କମିଶନରେଟ ପୋଲିସ

ଭୁବନେଶ୍ୱର,୨୫।୯ (ସୂର୍ଯ୍ୟକାନ୍ତ ବେହେରା)

ପାର୍ବଣକୁ ଶୃଙ୍ଖଳିତ ତଥା ସୁରକ୍ଷିତ କରିବା ପାଇଁ କମିଶନରେଟ ପୋଲିସ ଅପରାଧୀ ଧରପଗଡ଼କୁ ଜୋର୍‌ଦାର କରିବ। ଏଥିପାଇଁ ବିଭିନ୍ନ ଥାନା ଅଞ୍ଚଳରେ ଥିବା ୬୦ଜଣ ପେସାଦାର ଅପରାଧୀଙ୍କ ତାଲିକା ପ୍ରସ୍ତୁତି ହୋଇଛି। ଅଭ୍ୟାସଗତ ଅପରାଧୀ, ଚୋରି, ହତ୍ୟାକାଣ୍ଡ, ରାହାଜାନି ଓ ଗଣ୍ଡଗୋଳ କରି ଜେଲ ଯାଇ ଜାମିନରେ ଆସିଥିବା ଅପରାଧୀଙ୍କୁ ଏହି ସମୟରେ ନଜର ରଖାଯିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ଏହି ଅପରାଧୀମାନେ ଆଗକୁ ଯେମିତି କୌଣସି ଅପ୍ରୀତିକର ଘଟଣା ନ ଘଟାଇବେ ସେନେଇ ସେମାନଙ୍କ ଗତିବିଧି ଓ କାର୍ଯ୍ୟକଳାପ ଉପରେ ଟିକିନିଖି ଖବର ରଖାଯାଉଛି। ଏପରିକି ପାର୍ବଣରେ ଜୋରଜବରଦସ୍ତି ଚାନ୍ଦା ମାଗୁଥିବା ଅସାମାଜିକ ପାଇଁ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି। ଏଥିସହ ଖଟି ସ୍ଥାନରେ ଚଢାଉ କରାଯାଉଛି ବୋଲି ଡିସିପି କହିଛନ୍ତି। ପୋଲିସର ଏହି ପଦକ୍ଷେପକୁ ସାଧୁବାଦ ଜଣାଇଛନ୍ତି ରାଜଧାନୀର ପୂଜା ମଣ୍ଡପ ଆବାହକ।

## ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେବ ବିକେଏମ୍‌ୟୁ



ବିକେଏମ୍‌ୟୁର ରାଜ୍ୟ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

**ଅକ୍ଟୋବର ୨ରୁ ରାଜ୍ୟବ୍ୟାପୀ ପଦଯାତ୍ରା**

ଭାରତୀୟ କ୍ଷେତ ମଜଦୁର ୟୁନିୟନ (ବିକେଏମ୍‌ୟୁ)ର ରାଜ୍ୟ ପରିଷଦ ବୈଠକ ସୋମବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସମ୍ପାଦକ ସୁର ଜେନା ବିବରଣୀ ଆଗତ କରିଥିଲେ। ଏଥିସହ ନଭେମ୍ବର ୨ରୁ ୬ ପର୍ଯ୍ୟନ୍ତ ପାଟଣାଠାରେ ହେବାକୁ ଥିବା ଜାତୀୟ ସମ୍ମିଳନୀ ପାଇଁ ଓଡ଼ିଶାରୁ ୧୦ଜଣ ପ୍ରତିନିଧିଙ୍କ ନାମ ପ୍ରସ୍ତାବିତ କରିଥିଲେ। କେନ୍ଦ୍ରୀୟ ଆଇନ ଓ ରାଜ୍ୟରେ କଲ୍ୟାଣ ବୋର୍ଡ ସମେତ କ୍ଷେତ ମୂଲିଆଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୬ଶହ ଟଙ୍କା ଧାର୍ଯ୍ୟ କରିବା, ଭୂମିହୀନ ଆଦିବାସୀ ଓ କ୍ଷେତ ମୂଲିଆଙ୍କୁ ଘରଡିହ ଓ ଦଖଲ ଜମିର ପଟ୍ଟା ଦେବା, ୫୫ ବର୍ଷରୁ ଊର୍ଦ୍ଧ୍ୱ କ୍ଷେତ ମୂଲିଆଙ୍କୁ ମାସିକ ୬ହଜାର ଟଙ୍କା ପେନସନ ଦେବା ଆଦି ବିଭିନ୍ନ ଦାବି ନେଇ ଅକ୍ଟୋବର ୨ରୁ ରାଜ୍ୟବ୍ୟାପି ପଦଯାତ୍ରା ଓ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ ଓ ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ ଉଦ୍‌ବୋଧନ ଦେଇ କହିଲେ, ଭାରତବର୍ଷରେ କ୍ଷେତ ମୂଲିଆଙ୍କ ଅବଦାନ ଶତକଡା ୪୦ ଭାଗ। ମାତ୍ର ଭାଜପା ସରକାର କ୍ଷେତ ମୂଲିଆଙ୍କ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ନ କରିବା ଏବଂ ରାଜ୍ୟ ସରକାର ରାଜ୍ୟରେ କ୍ଷେତ ମୂଲିଆ କଲ୍ୟାଣ ବୋର୍ଡ ଗଠନ ନ କରିବା ପରିତାପର ବିଷୟ। ବୈଠକରେ ତ୍ରୈଲୋକ୍ୟ ନାଥ, ଶଙ୍କର ବାରିକ, ଗୁରୁନାଥ ପ୍ରଧାନ, ରବି ରଥ, ଗୋପାଳ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ସାପ ଧରିବା ସହ ସଚେତନ କରୁଛନ୍ତି ରିୟା

ଖୋର୍ଦ୍ଧା,୨୫।୯(ପ୍ରଭାତ ପାଣିଗ୍ରାହୀ)

**ଗାଁଗଣ୍ଡା ବୁଲି ସାପ ଧରୁଛନ୍ତି ଦମ୍ପତି**

■ ୨ ହଜାରରୁ ଊର୍ଦ୍ଧ୍ୱ ଧରି ଜଙ୍ଗଲରେ ଛାଡ଼ିଲେଣି
■ ଝଡ଼ାଫୁଙ୍କାରେ ବିଶ୍ୱାସ ନ କରିବାକୁ ପରାମର୍ଶ

ସାଧାରଣତଃ ସାପ ନାଁ ଶୁଣିଲେ ଲୋକଙ୍କ ମନରେ ଛନକା ପଶିଯାଏ। ସାପ କାମୁଡିଲେ ଗାଁ ଗହଳିରେ ଲୋକେ ଏବେ ବି ଝଡ଼ାଫୁଙ୍କା କିମ୍ବା ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ଏପରି ଅନ୍ଧ ବିଶ୍ୱାସ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ମଣିଷ ଓ ଜୀବଜନ୍ତୁଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଅଣ୍ଟା ଭିଡ଼ିଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ପଞ୍ଚାୟତ ମୁକ୍ତାପୁର ଗ୍ରାମର ବିପିନ ନାୟକ ଏବଂ ତାଙ୍କ ସ୍ତ୍ରୀ ରିୟା। ଏହି ଦମ୍ପତି ରାତି ପାହିଲେ ଆଖପାଖ ଗାଁରେ ବୁଲି ବିଷଧର ସାପକୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥାନ୍ତି। ସାପ ଧରିବା ପାଇଁ ସେମାନେ କାହାରିଠାରୁ ପାରିଶ୍ରମିକ ନିଅନ୍ତି ନାହିଁ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ସାପ ଧରି ସାରିଥିବା ରିୟା କହିଛନ୍ତି। ରିୟା ଜଣେ ଗୃହିଣୀ। ତେବେ ସେ ମଧ୍ୟ ସ୍ୱାମୀଙ୍କ ସହ ମିଶି ସାପ ଧରନ୍ତି। ଅତି ଅକ୍ଳେଶରେ ସେ ସାପକୁ ଧରିଥାନ୍ତି। ତାଙ୍କ ସାହସ ଦେଖି ଗ୍ରାମବାସୀ ଆଶ୍ଚର୍ଯ୍ୟାନ୍ୱିତ ହୋଇଥାନ୍ତି।

କେଉଁଠୁ ଖବର ଆସିଲେ, ସାପ ଧରିବାକୁ ବିପିନ ଓ ରିୟା ବାହାରିପଡ଼ନ୍ତି। ଉଭୟ ମିଶି ସାପକୁ କାବୁ କରିନେଇଥାନ୍ତି। ବିନା ପ୍ରଶିକ୍ଷଣରେ ବିପିନ ସାପ ଧରିବାରେ ଓସ୍ତାଦ୍ ପାଲଟିଥିବା ବେଳେ ତାଙ୍କଠାରୁ ମାତ୍ର ୨ମାସର ପ୍ରଶିକ୍ଷଣ ନେଇ ରିୟା ମଧ୍ୟ ଏଥିରେ ବେଶ ପାରଙ୍ଗମ। ହାତରେ ଖଣ୍ଡେ ବାଡ଼ି ଧରି ରିୟା ବିଷଧର ସାପକୁ କାବୁ କରିଥାନ୍ତି।



ବିପିନ କହନ୍ତି, ଥରେ କୂଅରେ ଏକ ବଳଦ ଖସିପଡ଼ିଥିଲା। ସେହି ସମୟରେ ବଳଦ ଏବଂ ନିଜକୁ ରକ୍ଷା କରିବାକୁ ଯାଇ କୂଅ ଭିତରେ ଥିବା ଏକ ସାପର ମୁଣ୍ଡକୁ ସେ ଧରି ନେଇଥିଲେ। ପରବର୍ତ୍ତୀ ସମୟରେ ଜୀବଜନ୍ତୁଙ୍କ ପ୍ରତି ତାଙ୍କ ମନରେ କରୁଣା, ଦୟାଭାବ ଜାଗ୍ରତ ହୋଇଥିଲା। ଏଣିକି ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଦୟାଭାବ ରଖିବା ସହ ସେମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ସେ ମହାଦେବଙ୍କ ଦର୍ଶନ କରି ସଂକଳ୍ପ ନେଇଥିଲେ। ପୂର୍ବରୁ ତାଙ୍କ ଗାଁରେ କୌଣସି ଲୋକଙ୍କୁ ସାପ କାମୁଡିଲେ, ଲୋକେ ମହାଦେବଙ୍କ ମନ୍ଦିର ଅଥବା ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରୁଥିଲେ। ଏଥିପ୍ରତି ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସେ ସାପ ଧରିବା ଆରମ୍ଭ କରିଥିଲେ। ଏଥିଲାଗି କୌଣସି ସ୍ଥାନରୁ ପ୍ରଶିକ୍ଷଣ ଗ୍ରହଣ କରି ନ ଥିବା ସତ୍ତ୍ୱେ ସେ ଜଣେ ସଫଳ ସାପ ଧରାଳି ଭାବେ ପରିଚିତ। ବୟସ ବଢିବା ସହିତ ଏହା ତାଙ୍କର ନିଶାରେ ପରିଣତ ହୋଇଗଲା। ଏଥିଲାଗି ସେ କାହାଠାରୁ ପାରିଶ୍ରମିକ ନିଅନ୍ତି ନାହିଁ। ସାପ କାମୁଡ଼ିଲେ, ଗୁଣିଆ ନିକଟକୁ କିମ୍ବା ମନ୍ଦିର ଯିବା ପରିବର୍ତ୍ତେ ନିକଟସ୍ଥ ମେଡିକାଲକୁ ଯିବାଲାଗି ଲୋକଙ୍କୁ ସେ ସଚେତନ କରନ୍ତି।

ବିପିନଙ୍କୁ ବିବାହ କରିବା ପରେ ରିୟା ଏହି ସାମାଜିକ ସଚେତନତା କାର୍ଯ୍ୟ ପ୍ରତି ପ୍ରଭାବିତ ହୋଇଥିଲେ। ସେ ମଧ୍ୟ ତାଙ୍କ ସହ ମିଶି ସାପ ଧରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ରିୟା କୁହନ୍ତି, ମୁଁ ମଧ୍ୟ ସାପ ଧରିବା ପାଇଁ ସ୍ୱାମୀଙ୍କୁ କହିଥିଲି। ତା' ପରଦିନ ଠାରୁ ସେ ମୋତେ ସାପ ଧରିବାର କୌଶଳ ଶିକ୍ଷା ଦେଇଥିଲେ। ବିଷଧର ସାପକୁ କିପରି ସାବଧାନତା ପୂର୍ବକ ଧରାଯିବ, ସେଥିପ୍ରତି ପ୍ରଶିକ୍ଷଣ ଦେଇଥିଲେ। ଦୁଇ ମାସ ପ୍ରଶିକ୍ଷଣ ପାଇବା ପରେ ସ୍ୱାମୀଙ୍କ ସହ ମିଶି ସାପ ଧରିବାକୁ ଯାଉଛି। ସେହିପରି ଘରେ କୌଣସି କାମରେ ବ୍ୟସ୍ତ ଥିବାବେଳେ ଲୋକଙ୍କ ଘରେ ସାପ ପଶିଥିବା ଖବର ଆସିଲେ, କାମ ଅଧାରୁ ଛାଡ଼ି ଯିବାକୁ ପଡ଼େ। ସାପ ଧରିବାରେ ନିଜ ଜୀବନ ପ୍ରତି ବିପଦ ମଧ୍ୟ ରହିଛି। ତଥାପି ଲୋକଙ୍କୁ ସହଯୋଗ ଏବଂ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସ୍ୱାମୀଙ୍କ ସହ ମୁଁ ନିଜକୁ ସାମିଲ କରିଛି। ଲୋକେ ସାପକୁ ମାରନ୍ତୁ ନାହିଁ। ଲୋକେ ଅନ୍ଧ ବିଶ୍ୱାସରେ ନ ପଡ଼ି ସାପ କାମୁଡ଼ିଲେ ମେଡିକାଲକୁ ଯାଆନ୍ତୁ ବୋଲି ରିୟା ପରାମର୍ଶ ଦେଇଛନ୍ତି।

**ଜଟଣୀ ଗଣେଶ ମହୋତ୍ସବ**







**ଜଟଣୀ:** ମେଡିକାଲ ଛକ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କୁନି କଳାକାରମାନେ। ହରି ଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ବାଦୀପାଲା ପରିବେଷଣ କରାଯାଉଛି। ପୋଷ୍ଟ ଅଫିସ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଭଜନ ସମାରୋହ।

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୩ ଗିରଫ

ଟାଙ୍ଗୀ, ୨୫।୯ (ରଘୁନାଥ ସାହୁ)

ଚାନ୍ଦପୁର ପୋଲିସ ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୩୫ ହଜାର ୬୭୦ ଟଙ୍କା ଓ ୬ଟି ବାଇକ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ପଲ୍ଲାହାଟର ଉଚ୍ଛବ ପ୍ରଧାନ, ଭୂଷଣ୍ଡପୁର ଉରୁମୁଖି ସାହିର ବ୍ରଜ ବେହେରା ଓ ଚାନ୍ଦପୁର ଥାନା କନ୍ଦନୟାଗଡ ଗ୍ରାମର ଗଣେଶ ବେହେରା। ସୂଚନା ମୁତାବକ, ଓସ୍ତପଡା କାଜୁ ଜଙ୍ଗଲରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଚଢ଼ାଉ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୬୪/୨୩) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଜଗଦୀଶ କର କହିଛନ୍ତି।

### ଖୁଦୁରୁକୁଣୀ ଓଷା ସମ୍ପନ୍ନ

କୃଷ୍ଣପ୍ରସାଦ, ୨୫।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ରେ ଖୁଦୁରୁକୁଣୀ ଓଷା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏନେଇ ପାରିକୁଦ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା। ସନ୍ଧ୍ୟାରେ କୁମାରୀ ଝିଅ ଓ ବୋହୂମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଥିଲେ। ଦଳବେହେରା ସାହିଠାରେ ପୂଜା ମଣ୍ଡପକୁ ରଙ୍ଗବେରଙ୍ଗ ଶାଢ଼ୀ ଏବଂ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଗ୍ରାମର ପୁଅଝିଅମାନେ ସାଧବ ପୁଅ ବୋହୂ ଭୂମିକାରେ ଅଭିନୟ କରି ଗ୍ରାମ ପରିକ୍ରମା କରିବା ସହ ବୋଇତ ବନ୍ଦାପନା ଉତ୍ସବ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବାସୁଦେବ ଦଳେଇ, ଶତ୍ରୁଘ୍ନ ସ୍ୱାଇଁ, ଜୟନ୍ତ ଦଣ୍ଡସେଣା, ବୁଲାମଣି ସ୍ୱାଇଁ, ପ୍ରତାପ ପ୍ରଧାନ, କାଳିଆ ଜେନା, ସନ୍ତୋଷ କୁମାର ପରିଡ଼ା, ଜୀବନ ଜ୍ୟୋତି ଦଣ୍ଡସେଣା, ଲିବୁ ଜେନା ପ୍ରମୁଖ ଉତ୍ସବ ପାଳନରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସ୍କୁଟି ସହ ମଦ ଜବତ, ୨ ଗିରଫ

ବାଲୁଗାଁ, ୨୫।୯ (ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ନିକଟ ମାୟା ନଗରୀ ଅଞ୍ଚଳରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ବାଲୁଗାଁ ଥାନା ଆଇଆଇସିଙ୍କ ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ବିକ୍ରି ନିମନ୍ତେ ଯାଉଥିବା ଗଞ୍ଜାମ ଜିଲା ଶେରଗଡ଼ ଅଶୋକପୁର ଗ୍ରାମର କାହ୍ନା ବରାଡ଼ଙ୍କୁ ଗିରଫ କରାଯାଇଥିବା ବେଳେ ୨୯ଲିଟର ବିଦେଶୀ ମଦ ଓ ଏକ ସ୍କୁଟି ଜବତ ହୋଇଛି। ସେହିପରି ସ୍ଥାନୀୟ ମାୟାନଗରୀ ଅଞ୍ଚଳରେ ବେଆଇନ ଭାବେ ମଦ ରଖି ବିକ୍ରି କରୁଥିବା ଗଞ୍ଜାମ ଜିଲା ବେଗୁନିଆପଡ଼ାର ନୂଆପଲ୍ଲୀ ଗ୍ରାମର ସଞ୍ଜୟ ଦାସଙ୍କୁ ଗିରଫ କରାଯିବା ସହ ୧୩ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏ ସମ୍ପର୍କରେ ପୋଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଛି।

### ଜୟକୃଷ୍ଣଙ୍କ ପରଲୋକ

ବୋଲଗଡ଼, ୨୫।୯ (ଦେବବ୍ରତ ହୋତା)

ବୋଲଗଡ଼ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଖଦୀକେନ୍ଦ୍ରର ବରିଷ୍ଠ ଖଦୀକର୍ମୀ ଜୟକୃଷ୍ଣ ପରିଡାଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ଅସୁସ୍ଥତା ଯୋଗୁ ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ତାଙ୍କର ମରଶରୀର ବୋଲଗଡ଼ରେ ପହଞ୍ଚିବା ପରେ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଲଳିତ ପରିଡା ମୁଖାଗ୍ନି ଦେଇଥିଲେ। ମଝିଆ ପୁଅ ଶରତ ଏବଂ ସାନପୁଅ ସୁବାସଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# 'କଠିନ ପରିଶ୍ରମ, ପ୍ରୟାସ ସଫଳତା ଆଣେ'

ଖୋର୍ଦ୍ଧା, ୨୫।୯ (ପ୍ରଭାତ ପାଣିଗ୍ରାହୀ)



ଓଏଭିର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଓଏଭିର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ ସୋମବାର ଶିଆଳିଆ ସ୍ଥିତ ଓଏଭିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୦ଟି ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଏଭି ଶିଆଳିଆର ଅଧକ୍ଷା ସୁମନସୁଧା ପରିଡ଼ା ପୌରୋହିତ୍ୟ କରିଥିଲେ। ଆଦର୍ଶ ବିଦ୍ୟାଳୟର ସମସ୍ତ ଅଧକ୍ଷ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷା ସଫଳତାର ମାର୍ଗ। କଠିନ ପରିଶ୍ରମ ସହ ଲକ୍ଷ୍ୟଚ୍ୟୁତ ନ ହୋଇ ଆଗକୁ ବଢ଼ିଲେ ସଫଳତା ମିଳିଥାଏ। ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ଛାତ୍ର ସମାଜ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ବିଦାୟ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ। ତରାଇ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସବୁ କ୍ଷେତ୍ରରେ ଆଗରେ ରହିଛି। ଶିକ୍ଷା ସହିତ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା କିପରି ବିକଶିତ ହେବ ତା' ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ସରୋଜ ସିଂହ, ତନୁଜ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିରନ୍ତର ସାଧନା ଓ ସଫଳ ନ ହେବା ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିବାକୁ କହିଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଲୋକନୃତ୍ୟ, ଓଡ଼ିଶୀ ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, କବିତା ଆବୃତ୍ତି, ସଙ୍ଗୀତ, ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନୀହାରିକା ପାଣି ମଞ୍ଚ ପରିଚାଳନା ଓ ରୁଦ୍ରନାରାୟଣ ରଥ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ସବିତା ନାୟକ ଧନ୍ୟବାଦ ଦେଇଥିଲେ। ରଞ୍ଜନ କୁମାର ପାତ୍ର, ସନ୍ଦୀପ କୁମାର ପାତ୍ର, ସିମନ୍ତିନୀ ମିଶ୍ର, ସୁମନ ସୁରଭି ସିଂହ, ଏଲିନା ବିଶ୍ୱାଳ, ଶ୍ରୁତିମୟୀ ବିଶ୍ୱାଳ, ମଧୁସ୍ମିତା ଦାସ, ସୁଜାତା କୁମାରୀ ମାଝୀଙ୍କ ସମେତ ୯ଟି ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୮୫ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

ଟାଙ୍ଗୀ, ୨୫।୯ (ରଘୁନାଥ ସାହୁ)

ଗୁରୁ ଦ୍ରୋଣାଚାର୍ଯ୍ୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୋରଣଠାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚରକ ସଂଜୀବନୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଉଦ୍‌ଘାଟନ ହୋଇଥିଲା। ପୂର୍ବତନ ସେନାନୀ ଚିଲିକା ଶାଖାର ସମ୍ପାଦକ ଶତ୍ରୁଘ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ସୋରଣ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମମତା ମହାନ୍ତି, କ୍ରୀଡା ପ୍ରଶିକ୍ଷକ ବିଜୟ ରାଉତ, ଶିକ୍ଷାବିତ୍ କୁବେର ବେହେରା, ମନ୍ମଥ ସିଂ, ଶ୍ରୀବତ୍ସ ବୈରିଗଞ୍ଜନ, ଅମୂଲ୍ୟ କୁମାର ପାତ୍ର, ଗୌରଙ୍ଗ ଚରଣ ମୁଦୁଲି ଯୋଗଦେଇ ଗ୍ରାମାଞ୍ଚଳରେ ଏହି ସ୍ୱାସ୍ଥ୍ୟସେବା ଶିବିର ଯୋଗୁ ଗରିବ ଲୋକେ ଉପକୃତ ହୋଇପାରିବେ ବୋଲି କହିଥିଲେ। ଭୁବନେଶ୍ୱରର କୋର ଡାଇଗ୍ନୋଷ୍ଟିକ ପକ୍ଷରୁ ବିଭିନ୍ନ ରୋଗର ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ୮୫ ଜଣ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରାଯାଇଥିଲା। ସୋରଣ, ରତନପୁର, ମାନସିଂହପୁର ପଞ୍ଚାୟତର ଜନସାଧାରଣ ବିଭିନ୍ନ ରୋଗର ପରୀକ୍ଷା ପାଇଁ ଟାଙ୍ଗୀ, ଚାନ୍ଦପୁର, ବାଲୁଗାଁ, ଖୋର୍ଦ୍ଧା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଗୁରୁ ଦ୍ରୋଣାଚାର୍ଯ୍ୟ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ। ୫୦ ଭାଗ ରିହାତିରେ ଥାଇରଏଡ଼, କ୍ୟାନ୍ସର, କୋଲେଷ୍ଟ୍ରଲ, ଭିଟାମିନ ପରୀକ୍ଷା କରାଯିବ ବୋଲି କୋର ଉକ୍ତ ଡାଇଗୋନିଷ୍ଟିକ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯାଇଛି।


କୃଷ୍ଣପ୍ରସାଦ: ଖୁଦୁରୁକୁଣୀ ଓଷା ଅବସରରେ ରବିବାର ପିଲାମାନେ ସାଧବ ପୁଅ ଓ ବୋହୂ ବେଶରେ ସଜ୍ଜିତ ହୋଇଛନ୍ତି।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ, ୨୫।୯ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସୋମବାର ବାଲ୍ୟ ବିବାହ ରୋକିବା ନେଇ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହିଳା ଶିଶୁ ବିକାଶ ଅଧିକାରୀ ମନୋରମା ଦେବୀ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ପରି ଘୃଣ୍ୟ ପ୍ରଥାକୁ ସମାଜର ସବୁସ୍ତରରେ ବିରୋଧ କରିବା ସହ କୋମଳମତି ଶିଶୁମାନଙ୍କ ସୁରକ୍ଷା ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଅଙ୍ଗନୱାଡି କର୍ମୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ ବୋଲି ସିଡିପିଓ କହିଥିଲେ। ପ୍ରତ୍ୟେକ ଅଙ୍ଗନୱାଡି କର୍ମୀ ନିଜ ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମକୁ ବ୍ୟାପକ ପ୍ରସାର ଏବଂ ପ୍ରଚାର କରିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚିଲିକା ନୂଆପଡ଼ା ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ପ୍ରଧାନ, ସୁପରଭାଇଜର ମାଗୁଣି ପ୍ରଧାନ, ଦୀପ୍ତିରାଣୀ ଦଣ୍ଡପାଟ, ବରିଷ୍ଠ କିରାଣି ପ୍ରମୋଦ କୁମାର ମହାରଣା, ଆଲୋକ କୁମାର ଖୁଣ୍ଟିଆଙ୍କ ସମେତ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

# ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଯାପିତ

ନିରାକାରପୁର, ୨୫।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତରେ ଥିବା ଓଁଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡିଆଠାରେ ଚାଲିଥିବା ଦ୍ୱାଦଶତମ 'ଜଙ୍କିଆ ପଲ୍ଲୀ ଉତ୍ସବ' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଆକୃତିକଳା ପରିଷଦ ବୌଦ୍ଧର ରଙ୍ଗବତୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଅନୁରୂପଭାବେ ଖୋର୍ଦ୍ଧା ନୋରେନ ଡ୍ୟାନ୍ସ ଗ୍ରୁପ, ଆନନ୍ଦଧାରା ସାଂସ୍କୃତିକ ପରିଷଦ ସୁଗମ ସଙ୍ଗୀତ କେନ୍ଦ୍ରାପଡ଼ା ଏବଂ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ସାମାଜିକକର୍ମୀ ସୌମ୍ୟରଞ୍ଜନ ହରିଚନ୍ଦନ, ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ମାର୍ଥା ପ୍ରମୁଖ ଯୋଗଦେଇ ୧୨ବର୍ଷ ଧରି ଚାଲୁଥିବା ଏହି ପଲ୍ଲୀ ଉତ୍ସବକୁ ପ୍ରଶଂଶା କରିବା ସହିତ ତାର ଉତ୍ତରୋତ୍ତର କାମନା କରିଥିଲେ। କମଲେଶ ମହାରଣା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସାମାଜିକ କର୍ମୀ ବିଶ୍ୱ ଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ଜ୍ଞାନ ରଞ୍ଜନ ଦାଶ ଏବଂ କେତେକ ମହିଳା ଗ୍ରୁପଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କେଦାରଶ୍ୱର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, ସୁରେନ୍ଦ୍ର ନାଥ ଜେନା, ପ୍ରଦୀପ୍ତ ପାଟଶାଣୀ, ଅକ୍ଷୟ ଉଦୟସିଂ, ରାକେଶ ଜେନା, ଶଶୀକାନ୍ତ ମହାପାତ୍ର, ପ୍ରଶାନ୍ତ କୁମାର ବେହେରାଙ୍କ ସମେତ କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୀନାବଜାରେ ଦର୍ଶକଙ୍କ ଭିଡ଼ ଜମିଥିଲା।


ଜଙ୍କିଆ ପଲ୍ଲୀ ଉତ୍ସବର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଟ୍ରକ୍ ପଛକୁ ଧକ୍କାଦେଲା ବସ୍

### ହେଲ୍‌ପରଙ୍କ ସମେତ ୩ ଆହତ

ବାଲୁଗାଁ, ୨୫।୯ (ସଂଗ୍ରାମ ପାଇକରାୟ)

୧୬ନମ୍ବର ଜାତୀୟ ରାଜପଥ ବାଲୁଗାଁ ବାଇପାସ୍ ରାସ୍ତାର ହରିକୁଣ୍ଡବରଡ଼ି ଛକଠାରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛକୁ ଯାତ୍ରୀବାହୀ ବସ୍ ଧକ୍କା ଦେବାରୁ ବସ୍‌ରେ ଥିବା ହେଲ୍‌ପରଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲୁଗାଁ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରିଲାଏନ୍ସ ନାମକ ବସ୍ ମାଲକାନଗିରିରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ହରିକୁଣ୍ଡବରଡ଼ି ଛକ ନିକଟରେ ଆଗରେ ଯାଉଥିବା ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବା ବେଳେ ଅସାବଧାନତାବଶତଃ ଟ୍ରକ୍‌ର ପଛପାର୍ଶ୍ୱକୁ ବସ୍‌ଟି ଧକ୍କା ଦେଇଥିଲା। ଫଳରେ ବସ୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି। ଫଳରେ ବସ୍‌ରେ ଥିବା ହେଲ୍‌ପର ସମେତ ୩ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅନ୍ୟ ୪୦ଜଣ ଯାତ୍ରୀ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ବସ୍।

# ଜନଶୁଣାଣି ଶିବିରରେ ୫୫ ଅଭିଯୋଗ

ବାଲିପାଟଣା, ୨୫।୯ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୫୫ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୪୯ଟି ଅଭିଯୋଗ ବ୍ୟକ୍ତିଗତ ଓ ସମୂହ କାମ ପାଇଁ ୩ଟି ଅଭିଯୋଗ ରହିଛି। ୨ଟି ଅଭିଯୋଗର ତୁରନ୍ତ ଫଇସାଲା କରାଯାଇଥିବା ବେଳେ ରେଡକ୍ରସ ପକ୍ଷରୁ ସହାୟତା ପାଇଁ ଗୋଟିଏ ଅଭିଯୋଗ ବିଚାର ପାଇଁ ଗ୍ରହଣ କରାଯାଇଛି। ତହସିଲଦାର ବୁଲବୁଲ ବେହେରା, ବିଇଓ ଆକାଂକ୍ଷିତା ପ୍ରଧାନ, ବିଡିଓ ଆଦିକନ୍ଦ ବେହେରାଙ୍କ ସମେତ ବ୍ଲକ ଓ ଜିଲାସ୍ତରର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଚକ୍ରବର୍ତ୍ତୀ ପତାକା ଦେଖାଇ କୃଷିରଥର ଶୁଭାରମ୍ଭ କରିଥିଲେ। ବ୍ଲକ ଚେୟାରମ୍ୟାନ ହରପ୍ରିୟା ଦାସ ଉପସ୍ଥିତ ଥିଲେ।

# କାରାଗାର କର୍ମଚାରୀଙ୍କ ଅନଶନ


ଖୋର୍ଦ୍ଧା ଉପକାରାଗାର ଆଗରେ କର୍ମଚାରୀମାନେ ଅନଶନରେ ବସିଛନ୍ତି।

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ ଗମ୍ଭାରୀମୁଣ୍ଡା, ୨୫।୯ (ଦିଲୀପ ସ୍ୱାଇଁ)

ନିଖିଳ ଓଡ଼ିଶା କାରାଗାର ମହାସଂଘ ଆହ୍ୱାନକ୍ରମେ ୫ ଦଫା ଦାବିରେ ଖୋର୍ଦ୍ଧା ଏବଂ ବାଣପୁର ଉପକାରାଗାରରେ କାର୍ଯ୍ୟରତ କର୍ମଚାରୀମାନେ ଜେଲ ଆଗରେ ଆମରଣ ଅନଶନରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ। ଏଥିମଧ୍ୟରେ କୌଣସି ଅଘଟଣ ଘଟିଲେ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। କାରାରକ୍ଷୀଙ୍କ ଗ୍ରେଡ୍ ପେ ୧୯ଶହ ଟଙ୍କାରୁ ୨ହଜାରକୁ ବୃଦ୍ଧି, ମୁଖ୍ୟ କାରାରକ୍ଷୀଙ୍କ ଗ୍ରେଡ୍ ପେ ୨ହଜାରରୁ ୨୪ଶହ ଟଙ୍କା ବୃଦ୍ଧି, କାରାରକ୍ଷୀଙ୍କ ପୁରୁଣା ପଦୋନ୍ନତି ନିୟମ ୨୦୧୨ କାର୍ଯ୍ୟକାରୀ, ଉପଖଣ୍ଡ ସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟ ଭତ୍ତା ୪ଶହରୁ ୧୪ଶହକୁ ବୃଦ୍ଧି କରିବା, ନୂତନ ବେତନ କମିଶନ ୨୦୧୭ ଅନୁଯାୟୀ ୧୩ ମାସିଆ ଦରମା ବୃଦ୍ଧି ଆଦି ଦାବି ରହିଛି। ପ୍ରକାଶ ଯେ, ଉପରୋକ୍ତ ଦାବି ପୂରଣ ନେଇ ଗତ ୧୨ ତାରିଖ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାର ପ୍ରତିବାଦରେ ଗତ ୧୩ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିଥିଲେ। ସୋମବାରଠାରୁ ଅନଶନ ଆରମ୍ଭ ହୋଇଛି।

# ୨୯ରୁ ରାଜ୍ୟସ୍ତରୀୟ ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ

ଭୁବନେଶ୍ୱର, ୨୫।୯ (ବନ୍ଦନା ସେଠୀ)

ଶିଶୁ ତଥା କିଶୋରଙ୍କ ସୃଜନାତ୍ମକ ଶକ୍ତିର ବିକାଶ ପାଇଁ ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆସନ୍ତା ୨୯ ଓ ୩୦ ଦୁଇଦିନ ଧରି ପଞ୍ଚମ ରାଜ୍ୟସ୍ତରୀୟ 'ଶିଶୁ ସାହିତ୍ୟ ଉତ୍ସବ' ଅନୁଷ୍ଠିତ ହେବ। କଥାକାର ତଥା ଲେଖକ ଦାଶ ବେନହୁର ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଗପ ଶୁଣାଇବେ। ଶିକ୍ଷାବିତ୍ ସ୍ୱପ୍ନା ବେହେରା କବିତା ଆବୃତ୍ତି କଳା ଶିଖେଇବେ। ସେହିପରି କାର୍ଟୁନିଷ୍ଟ ନନ୍ଦେଶୁ ଗଳ୍ପକୁ କାର୍ଟୁନ ମାଧ୍ୟମରେ ପ୍ରକାଶ କରିବେ। ଆର୍.ଜେ. ଗୌର ଭିନ୍ନ ଢଙ୍ଗରେ ଗଳ୍ପ କହିବେ ଏବଂ ନିର୍ଦ୍ଦେଶକ ଦେବଦତ୍ତ ପତି ପିଲାଙ୍କୁ ଥିଏଟର ଶିକ୍ଷା ଦେବେ। ୧୦ରୁ ୧୭ ବର୍ଷ ବୟସର ପିଲାମାନେ ଏଥିରେ ଯୋଗଦେଇ ପାରିବେ। ଉତ୍ସବରେ ଶିଶୁ ଓ କିଶୋରଙ୍କ ପାଇଁ ପୁସ୍ତକ ପ୍ରଦର୍ଶନୀର ବ୍ୟବସ୍ଥା କରାଯିବ।

ମେଳାରେ ଅନେକ ପ୍ରକାଶକଙ୍କ ଶିଶୁ ପୁସ୍ତକ ପ୍ରଦର୍ଶିତ ହେବ। ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୂର୍ବତନ କେନ୍ଦ୍ରୀୟ ସଚିବ ଅରୁଣ କୁମାର ରଥ, କବି ପ୍ରଦୀପ ବିଶ୍ୱାଳ, ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମଧୁସୂଦନ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଫାଉଣ୍ଡେଶନର ସମ୍ପାଦିକା ଚିନ୍ମୟୀ ପଣ୍ଡା ସୂଚନା ଦେଇଛନ୍ତି।

## ଜଟଣୀ ଗଣେଶ ମହୋତ୍ସବ




ଜଟଣୀ: ମେଡିକାଲ ଛକ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ କୁନି କଳାକାରମାନେ। ହରି ଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ବାଦୀପାଲା ପରିବେଷଣ କରାଯାଉଛି। ପୋଷ୍ଟ ଅଫିସ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଭଜନ ସମାରୋହ।

## ସଂକ୍ଷେପରେ

### ୭ଦିନ ପରେ ଚୋରି ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୫ା୯ (ସୂର୍ଯ୍ୟକାନ୍ତ ବେହେରା): ତାଲା ଭାଙ୍ଗି ଘରେ ପଶିବା ସହ ଅଳଙ୍କାର ଓ ଟଙ୍କା ଚୋରି କରିନେଇଥିବା ଜଣେ ଅଭିଯୁକ୍ତଙ୍କୁ ଘଟଣାର ୭ଦିନ ପରେ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ଚନ୍ଦନ ନାୟକ। ତାଙ୍କଠାରୁ ସୁନା ଓ ରୁପା ଗହଣା ସହ ନଗଦ ୭ ହଜାର ଟଙ୍କା ଜବତ ହୋଇଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗତ ୧୮ ତାରିଖରେ ସୁବାସନଗର ବସ୍ତିରେ ଏହି ଘଟଣା ଘଟିଥିଲା। ଚୋରିର ଶିକାର ହୋଇଥିବା ଏକ ପରିବାରର ମହିଳା ଏନେଇ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ମହିଳା ଓ ତାଙ୍କ ପରିବାର ସଦସ୍ୟ ଘର ତାଲା ପକାଇ ପୈତୃକ ଗ୍ରାମକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଚନ୍ଦନ ଉକ୍ତ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ମାଲମାରି ତାଡି ଭିତରେ ଥିବା ସୁନା ଓ ରୁପା ଗହଣା ସହ ନଗଦ ଟଙ୍କା ଚୋରି କରିନେଇଥିଲେ। ଗାଁରୁ ଫେରି ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

### ଭଡ଼ାଟିଆଙ୍କୁ ନିର୍ଯାତନା, ଘର ମାଲିକ ଗିରଫ

ଭୁବନେଶ୍ୱର,୨୫ା୯ (ସୂର୍ଯ୍ୟକାନ୍ତ ବେହେରା): ଦୁଇ ମାସର ଘରଭଡା ବକେୟାକୁ କେନ୍ଦ୍ରକରି ଜଣେ ମହିଳା ଭଡାଟିଆଙ୍କୁ ନିର୍ଯାତନା ଦେବା ସହ ତାଙ୍କ ମୋବାଇଲ ଓ ଫ୍ୟାନ ନେଇଯିବା ଅଭିଯୋଗରେ ବଡଗଡ ଥାନା ପୋଲିସ ଘର ମାଲିକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ହୃଷୀକେଶ ତ୍ରିପାଠୀ (୪୧)। ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ଜଣକ ଅଭିଯୁକ୍ତ ହୃଷୀକେଶଙ୍କ ଘରେ ଭଡାରେ ରୁହନ୍ତି। ହେଲେ କୌଣସି କାରଣରୁ ଗତ ଦୁଇ ମାସର ଘର ଭଡା ଦେଇପାରି ନ ଥିଲେ। ଶନିବାର ଅଭିଯୁକ୍ତ ଘର ମାଲିକ ଓ ତାଙ୍କ ସ୍ତ୍ରୀ ଘରଭଡା ବକେୟାକୁ ନେଇ ଭଡାଟିଆ ମହିଳା ଓ ତାଙ୍କ ମା'ଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହିତ ଗୃହୋପକରଣ ସାମଗ୍ରୀ ଫିଙ୍ଗି ଦେଇଥିଲେ। ଏଥିସହ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେବା ସହ ଘରେ ଲାଗିଥିବା ୨ଟି ଫ୍ୟାନ ଖୋଲି ନେଇଥିଲେ। ମହିଳାଙ୍କ ଅଭିଯୋଗ ପରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ସ୍ୱତନ୍ତ୍ର ଟାସ୍କଫୋର୍ସ କାର୍ଯ୍ୟ କରିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

## ଗଙ୍ଗୁଆ ନାଳ ପ୍ରଦୂଷଣ ମାମଲା

କଟକ,୨୫ା୯ (କାର୍ତ୍ତିକ ସାହୁ)

ଭୁବନେଶ୍ୱର ମଧ୍ୟଦେଇ ଯାଇଥିବା ଗଙ୍ଗୁଆ ନାଳକୁ ପ୍ରଦୂଷଣମୁକ୍ତ କରିବାରେ ସ୍ୱତନ୍ତ୍ର ଟାସ୍କଫୋର୍ସ କାର୍ଯ୍ୟ କରିବାକୁ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଧିକରଣର ବିଚାରପତି ବି. ଅମିତ ସ୍ଥାଲେକର ଏବଂ ଡ. ଅରୁଣ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଗଙ୍ଗୁଆ ନାଳ ପ୍ରଦୂଷଣ ମାମଲା ଅନ୍ତ ଘଟାଇଛନ୍ତି।

ଭୁବନେଶ୍ୱର ବର୍ଜ୍ୟଜଳ ଯୋଗୁ ଚନ୍ଦକା ସଂରକ୍ଷିତ ବନାଞ୍ଚଳରୁ ବାହାରିଥିବା ଗଙ୍ଗୁଆ ନାଳ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହୋଇରହିଛି। ୪୫ କିଲୋମିଟର ଅତିକ୍ରମ କରିଥିବା ଏହି ନାଳର ପ୍ରଦୂଷିତ ଜଳ ଦ୍ୱାରା ଦୟା ନଦୀ ଓ ଚିଲିକା ହ୍ରଦ ପ୍ରଦୂଷିତ ହେଉଛି। ଗଙ୍ଗୁଆ ନାଳ, ଦୟା ନଦୀ ଓ କୁଆଖାଇ ନଦୀକୁ ପ୍ରଦୂଷଣମୁକ୍ତ କରିବା ଉପରେ ଏନ୍‌ଜିଟି ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱର ସହରରେ ନର୍ଦ୍ଦମା ଜଳ ନିୟନ୍ତ୍ରଣ ପାଇଁ ସ୍ୱେରେଜ ପ୍ରକଳ୍ପ ହୋଇ ନ ଥିବାରୁ ୧୦ଟି ଡ୍ରେନ ଜରିଆରେ ସିଧାସଳଖ ଗଙ୍ଗୁଆ ନାଳରେ ମିଶୁଛି।



ଗଙ୍ଗୁଆର ପ୍ରଦୂଷିତ ଜଳ ଦୟା ନଦୀରେ ମିଶି ଚିଲିକା ମଧ୍ୟରେ ପ୍ରବେଶ କରି ତାକୁ ମଧ୍ୟ ପ୍ରଦୂଷିତ କରୁଛି। ତେଣୁ ଗଙ୍ଗୁଆ ନାଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ କାର୍ଯ୍ୟ କରିବ। ଏହି ଟାସ୍କଫୋର୍ସ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା କାର୍ଯ୍ୟକ୍ଷମ ହୋଇଛି। ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏହି ଟାସ୍କଫୋର୍ସ ଗଠନ କରାଯିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲାପାଳ, କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଜଙ୍ଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ବୈଜ୍ଞାନିକଙ୍କୁ ଏହି କମିଟିରେ ସ୍ଥାନିତ କରାଯାଇଛି। ଏହି କମିଟି ଦ୍ୱାରା ଗଙ୍ଗୁଆକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ନର୍ଦ୍ଦମା ଜଳକୁ ପ୍ରଦୂଷଣମୁକ୍ତ କରିବା ଲାଗି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର କାର୍ଯ୍ୟ ନଭେମ୍ବର ମାସ ସୁଦ୍ଧା ଶେଷ ହେବ। କୁଆଖାଇ, ଗଙ୍ଗୁଆ ନାଳ ଓ ଦୟାନଦୀକୁ ପ୍ରଦୂଷଣମୁକ୍ତ ଲାଗି ସ୍ୱତନ୍ତ୍ର ଟାସ୍କ ଫୋର୍ସ କାର୍ଯ୍ୟ କରିବ। ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଜାରି ରହିଥିବା ବେଳେ ଏନ୍‌ଜିଟିଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ହୋଇଥିବା ସ୍ୱତନ୍ତ୍ର ଟାସ୍କଫୋର୍ସ ଗଙ୍ଗୁଆ, ଦୟାନଦୀ ଓ କୁଆଖାଇ ନଦୀକୁ ପ୍ରଦୂଷଣମୁକ୍ତ ରଖିବା ନିମନ୍ତେ କାର୍ଯ୍ୟ କରିବା ନେଇ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷ ବର୍ଷ ଧରି ଗଙ୍ଗୁଆ ନାଳର ଏପରି ଅବସ୍ଥା ଲାଗି ରହିଥିବା ବେଳେ ଦୟା ଓ ଚିଲିକାକୁ ପ୍ରଦୂଷଣମୁକ୍ତ କରିବାକୁ ହେଲେ ପ୍ରଥମେ ଗଙ୍ଗୁଆ କେନାଲକୁ ପ୍ରଦୂଷଣମୁକ୍ତ ରଖିବାକୁ ହେବ ବୋଲି ଆବେଦନ କରି ସାମାଜିକ କର୍ମୀ ବୃନ୍ଦାବନ ଦାସ ଆଜାଦ ଏନ୍‌ଜିଟିରେ ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଫ୍ରାଜ ସୁହେଲେ ମାମଲା ପରିଚାଳନା କରୁଥିଲେ।

# କାନ୍ଥରେ ପିଟି ହୋଇ ଜଳିଗଲା କାର



ଭୁବନେଶ୍ୱର,୨୫ା୯ (ସୂର୍ଯ୍ୟକାନ୍ତ ବେହେରା)

ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁରରେ ଏକ କାର୍ କାନ୍ଥରେ ପିଟିହେବା ପରେ ହୁତୁହୁତୁ ହୋଇ ଜଳିଯାଇଛି। ତେବେ ଏଥିରେ ଥିବା କାର୍ ମାଲିକ ଓ ଚାଳକ ତୁରନ୍ତ ବାହାରକୁ ଚାଲିଆସିବାରୁ ବିପଦରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ତମାଣ୍ଡୋ ଥାନା ପୋଲିସ ଅଗ୍ନିଶମ ବାହିନୀ ସହ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ କାର୍‌ଟି ୮୦ ପ୍ରତିଶତ ପୋଡି ଯାଇଥିଲା। ଏନେଇ ତମାଣ୍ଡୋ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା କହିଛନ୍ତି, ମାଲିକ କଳିଙ୍ଗବିହାରରେ ରହୁଥିବା ଦିବାକର ବାହିନୀପତି ଓ ତାଙ୍କ ସାଙ୍ଗ ଉକ୍ତ କାର୍‌ରେ ଥିଲେ। ସୋମବାର ଭୋର୍ ସମୟରେ କାର୍‌ଟି ଡିଏନ ରେଗାଲିଆ ଦେଇ ଯାଉଥିବା ସମୟରେ ହଠାତ ଭାରସାମ୍ୟ ହରାଇ ଏକ କାନ୍ଥରେ ପିଟି ହୋଇଯାଇଥିଲା। ଫଳରେ ଗାଡିରୁ ଧୂଆଁ ବାହାରିବା ଦେଖି ସେମାନେ କାରରୁ ବାହାରକୁ ଚାଲି ଆସିଥିଲେ। ଏହାର କେଇ ମିନିଟ ପରେ କାରଟି ହୁ ହୁ ହୋଇ ଜଳିବାକୁ ଲାଗିଥିଲା।

# ଚଳଚ୍ଚିତ୍ର 'ଶ୍ରୀମାନ ଶ୍ରୀଯୁକ୍ତ'ର ଶୁଭ ମହୁରତ



ଚଳଚ୍ଚିତ୍ର 'ଶ୍ରୀମାନ ଶ୍ରୀଯୁକ୍ତ'ର ଶୁଭ ମହୁରତ ଅବସରରେ ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୫ା୯ (ବନ୍ଦନା ସେଠୀ)

ପ୍ରଣୟ ଜେଠୀ ପ୍ରଯୋଜିତ ତଥା ଶିରିଡି ସାଇବାବା ମୁଭିଜ୍ ବ୍ୟାନରର ଦ୍ୱିତୀୟ ଅବଦାନ ଚଳଚ୍ଚିତ୍ର 'ଶ୍ରୀମାନ ଶ୍ରୀଯୁକ୍ତ'ର ଶୁଭ ମହୁରତ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଏକାମ୍ର ପାର୍କ ସମ୍ମୁଖ ଶିରିଡି ସାଇବାବା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନେ ପ୍ରଯୋଜକ ପ୍ରଣୟ ଜେଠୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ନିରଞ୍ଜନ ବେହେରା, ଅଭିନେତା ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଅଭିନେତ୍ରୀ ଲିପ୍ସା ମହାରଣାଙ୍କ ସମେତ ଅତିଥି ଭାବେ ସିନେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ବିନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କ୍ଲାପ ଦେଇଥିଲେ। ଏହି ଚଳଚ୍ଚିତ୍ର ପାରିବାରିକ ତଥା କମେଡି କାହାଣୀ ଉପରେ ଆଧାରିତ। କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ସହିତ ନିର୍ଦ୍ଦେଶନା ଭାର ନିରଞ୍ଜନ ବେହେରା ତୁଲାଉ ଥିବାବେଳେ ମ୍ୟୁଜିକ ସାଇଣ୍ଟିଷ୍ଟ ପ୍ରେମ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି। ବସନ୍ତରାଜ ସାମଲ ଗୀତ ରଚନା କରିଛନ୍ତି। ସେହିପରି ଚିତ୍ରୋତ୍ତୋଳନ ଦାୟିତ୍ୱରେ ବାପି, ପବ୍ଲିସିଟି ଡିଜାଇନର ଭାବେ ବିଜୁ ଓ ପ୍ରଡକ୍ସନ ଡିଜାଇନର ଦାୟିତ୍ୱ ବୁବୁନା ତୁଲାଉଛନ୍ତି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନେତା ସାନୁ ଓ ଅଭିନେତ୍ରୀ ସସ୍ମିତା ଥିବାବେଳେ ତାଙ୍କ ସହିତ ବରିଷ୍ଠ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ବବି ମିଶ୍ର, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି। ଓଡ଼ିଆ ଚଳଚ୍ଚିତ୍ର 'ସିନ୍ଦୂର' ଏହି ବ୍ୟାନରର ପ୍ରଥମ ଚଳଚ୍ଚିତ୍ର ଥିଲା। ସମାଜରେ ପ୍ରତ୍ୟେକ ଦିନ ଘଟୁଥିବା କଥାକୁ କାହାଣୀର ରୂପଦେଇ କମେଡି ଧାରାରେ ଚଳଚ୍ଚିତ୍ର ନିର୍ମାଣ କଲେ ବେଶ୍ ଲୋକାଦୃତ ହେବ ବୋଲି ପ୍ରଯୋଜକ ଜେଠୀ ଆଶା ରଖିଛନ୍ତି।

# ୨୯ରୁ ରାଜ୍ୟସ୍ତରୀୟ ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ

ଭୁବନେଶ୍ୱର, ୨୫ା୯ (ବନ୍ଦନା ସେଠୀ)

ଶିଶୁ ତଥା କିଶୋରଙ୍କ ସୃଜନାତ୍ମକ ଶକ୍ତିର ବିକାଶ ପାଇଁ ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆସନ୍ତା ୨୯ ଓ ୩୦ ଦୁଇଦିନ ଧରି ପଞ୍ଚମ ରାଜ୍ୟସ୍ତରୀୟ 'ଶିଶୁ ସାହିତ୍ୟ ଉତ୍ସବ' ଅନୁଷ୍ଠିତ ହେବ। କଥାକାର ତଥା ଲେଖକ ଦାଶ ବେନହୁର ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଗପ ଶୁଣାଇବେ। ଶିକ୍ଷାବିତ୍ ସ୍ୱପ୍ନା ବେହେରା କବିତା ଆବୃତ୍ତି କଳା ଶିଖେଇବେ। ସେହିପରି କାର୍ଟୁନିଷ୍ଟ ନନ୍ଦେଶୁ ଗଳ୍ପକୁ କାର୍ଟୁନ ମାଧ୍ୟମରେ ପ୍ରକାଶ କରିବେ। ଆର୍.ଜେ. ଗୌର ଭିନ୍ନ ଢଙ୍ଗରେ ଗଳ୍ପ କହିବେ ଏବଂ ନିର୍ଦ୍ଦେଶକ ଦେବଦତ୍ତ ପତି ପିଲାଙ୍କୁ ଥିଏଟର ଶିକ୍ଷା ଦେବେ। ୧୦ରୁ ୧୭ ବର୍ଷ ବୟସର ପିଲାମାନେ ଏଥିରେ ଯୋଗଦେଇ ପାରିବେ। ଉତ୍ସବରେ ଶିଶୁ ଓ କିଶୋରଙ୍କ ପାଇଁ ପୁସ୍ତକ ପ୍ରଦର୍ଶନୀର ବ୍ୟବସ୍ଥା କରାଯିବ। ମେଳାରେ ଅନେକ ପ୍ରକାଶକଙ୍କ ଶିଶୁ ପୁସ୍ତକ ପ୍ରଦର୍ଶିତ ହେବ। ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୂର୍ବତନ କେନ୍ଦ୍ରୀୟ ସଚିବ ଅରୁଣ କୁମାର ରଥ, କବି ପ୍ରଦୀପ ବିଶ୍ୱାଳ, ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମଧୁସୂଦନ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଫାଉଣ୍ଡେଶନର ସମ୍ପାଦିକା ଚିନ୍ମୟୀ ପଣ୍ଡା ସୂଚନା ଦେଇଛନ୍ତି।

# ଡେଙ୍ଗୁ ସଚେତନତା ବାଣ୍ଟିଲେ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ




ଅତିଥିମାନେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୨୫ା୯ (ବନ୍ଦନା ସେଠୀ)

ଭାରତୀୟ ରେଡ୍‌କ୍ରସର ଓଡ଼ିଶା ରାଜ୍ୟ ଶାଖା ସହାୟତାରେ ଯୁବ ରେଡ୍‌କ୍ରସ ଦ୍ୱାରା ସୋମବାର ରାଜଧାନୀ ମହାବିଦ୍ୟାଳୟରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ମହାବିଦ୍ୟାଳୟର ଶହେରୁ ଊର୍ଦ୍ଧ୍ୱ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଯୋଗଦେଇ ମାନବ ଶୃଙ୍ଖଳ ଗଠନ କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଡେଙ୍ଗୁରୁ ରକ୍ଷା ପାଇବାର ଉପାୟ ଜଣାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ମିନତି ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ଯୁବରେଡ୍‌କ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶିଖରଚଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଯାନମ ଦୀପକ ସ୍ୱେଚ୍ଛାସେବୀଙ୍କୁ ଏଡିଶ୍ ମଶା, ଏହାର ପ୍ରଜନନ ପ୍ରକ୍ରିୟା ଓ ଡେଙ୍ଗୁ ସଂକ୍ରମଣ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷଣ ପରେ ନୂଆପଲ୍ଲୀ ବେହେରାସାହି, ରେଣ୍ଟାଲ କଲୋନୀ, ବରମୁଣ୍ଡା ଗାଁ ଓ ରୁଚିକା ମାର୍କେଟ ଅଞ୍ଚଳକୁ ଯାଇ ସ୍ୱାସ୍ଥ୍ୟ ବିଭାଗ ଓ ନଗରପାଳିକା ଅଧିକାରୀଙ୍କ ସହାୟତାରେ ଡେଙ୍ଗୁ ସଚେତନତା ସୃଷ୍ଟି କରାଯାଇଥିଲା। ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ଅଧିକାରୀ ଡ. ସମୀର କୁମାର ପାତ୍ର ଏହାକୁ ପରିଚାଳନା କରିଥିଲେ।

# 'ସାହିତ୍ୟ ସମାଜର ଏକ ଅପରିହାର୍ଯ୍ୟ ଅଙ୍ଗ'

## ସାରସ୍ୱତ ସମାଜର ସାହିତ୍ୟ ଆସର

ଭୁବନେଶ୍ୱର,୨୫ା୯(ଅନୁରାଧା ମହାରଣା)

ସାରସ୍ୱତ ସମାଜର ଚଳିତବର୍ଷର ଶେଷ ସାହିତ୍ୟ ଆସର ଓ ଆଲୋଚନାଚକ୍ର ଗୋଦାବରୀଶ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା କବି ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ପଣ୍ଡିତ ଦୈତାରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଗଠନ ପାଇଁ ସାହିତ୍ୟ ହେଉଛି ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି କହିଥିଲେ। କବି ତଥା ସମାଜସେବୀ ପ୍ରତିମା ରାଣୀ ମିଶ୍ର ଷଡ଼ଙ୍ଗୀ ସମାଜ ସେବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଗି ଡ. ହୀମାଦ୍ରି ତନୟା ମିଶ୍ର, ଡ. ସରୋଜିନୀ ପାଣି, ଅନୁସୂତା ସିଂହ ଦେଓ, ଗଦାଧର ବରାଳ ଏବଂ ସୁଭ୍ରା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୌଦାମିନୀ ଧନ୍ୟବାଦ ଦେଇଥିଲେ।




ଗୋଦାବରୀଶ ସଂସଦଠାରେ ଅନୁଷ୍ଠିତ ସାରସ୍ୱତ ସମାଜର ସାହିତ୍ୟ ଆସର ଓ ଆଲୋଚନାଚକ୍ରରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

# ଉଠାଦୋକାନୀଙ୍କ ବିରୋଧ, ଫେରିଲା ଉଚ୍ଛେଦ ଟିମ୍

ଭୁବନେଶ୍ୱର, ୨୫ା୯ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ କଳିଙ୍ଗ ବିହାରର କେ-୪ ଏବଂ କେ-୫ସ୍ଥିତ ଶିବମନ୍ଦିର ଛକ ନିକଟରେ ଜବରଦଖଲ ଉଚ୍ଛେଦ କରିବାକୁ ଯାଇଥିବା ବିଏମ୍‌ସି ଓ ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ଉଠା ଦୋକାନୀମାନେ ବିରୋଧ କରିଛନ୍ତି। ଏହାକୁ ନେଇ ଦୀର୍ଘ ସମୟ ଧରି ସେଠାରେ ଉତ୍ତେଜନାତ୍ମକ ପରିସ୍ଥିତି ଲାଗି ରହିବାରୁ ଶେଷରେ ଉଚ୍ଛେଦ କରି ନ ପାରି ଟିମ୍‌କୁ ଫେରିବାକୁ ପଡିଛି। ବ୍ୟବସାୟୀଙ୍କ

**କଳିଙ୍ଗବିହାର ଶିବ ମନ୍ଦିର ଛକରୁ ପୁଣି ଜବରଦଖଲ ଉଚ୍ଛେଦ ବିଫଳ**

ଅଭିଯୋଗ ହେଲା, ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳକୁ ବଡ଼ବଡ଼ିଆ ଜବରଦଖଲ କରି ରଖିଥିଲେ ମଧ୍ୟ ବିଏମ୍‌ସି କିମ୍ବା ବିଡିଏ ପକ୍ଷରୁ ପଦକ୍ଷେପ ବଦଳରେ ସୁରକ୍ଷା ଦିଆଯାଉଛି। ମାତ୍ର ଖାଲି ସ୍ଥାନରେ ଉଠାଦୋକାନ କରି ଗୁଜରାଣ ମେଣ୍ଟାଉଥିବା ସାଧାରଣ ଲୋକଙ୍କ ଉପରେ ଜୁଲମ୍ କରାଯାଉଛି। କଳିଙ୍ଗନଗର ଶିବ ମନ୍ଦିର ଛକରେ ଦୀର୍ଘ ୧୮ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାୟ ୨ଶହ ବ୍ୟବସାୟୀ ଉଠାଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ତେବେ ସୋମବାର ବିଏମ୍‌ସି ଓ ବିଡିଏର ଉଚ୍ଛେଦକାରୀ ଦଳ ସମ୍ପୃକ୍ତ ଅଞ୍ଚଳରୁ ଜବରଦଖଲ ଉଠାଇବାକୁ ଆସିଥିବାବେଳେ ଏହାକୁ ବିରୋଧ କରି ଉଠାଦୋକାନୀମାନେ ରାସ୍ତାକୁ ଓହ୍ଲାଇ ଥିଲେ। ବ୍ୟବସାୟୀ ରମେଶ ଚନ୍ଦ୍ର ପତି, ଆଦିତ୍ୟ ପ୍ରସାଦ ରଥ, ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ହାଇକୋର୍ଟଙ୍କ ସ୍ଥିତାବସ୍ଥା/ନିର୍ଦ୍ଦେଶ ଦେଖାଇଲା ପରେ ମଧ୍ୟ ତାହା ନ ଶୁଣି ଜୋର ଜବରଦସ୍ତ ଦୋକାନ ଉଚ୍ଛେଦ କରିବାକୁ ଚେଷ୍ଟା କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଦେଖାଦେଇଥିଲା। ପରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ସେଠାରେ ପହଞ୍ଚି ଉଚ୍ଛେଦକାରୀ ଦଳକୁ ଘୋର ବିରୋଧ କରିଥିଲେ। ସେମାନେ ଉଠାଦୋକାନୀ ଆଇନ ଓ ସମ୍ବିଧାନର ଧାରା ୧୯(୧)(ଛ)କୁ ଅବମାନନା କରୁଥିବା ଦର୍ଶାଇବା ସହ ଆଇନ ମାନୁ ନ ଥିବା ବିଡିଏ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଉ ଆଦି ସ୍ଲୋଗାନ ଦେଇଥିଲେ। ଶେଷରେ ଉଚ୍ଛେଦକାରୀ ଦଳ ନିରାଶ ହୋଇ ସେଠାରୁ ଫେରିଥିଲା। ତେବେ ବିଏମ୍‌ସି ଆଜି ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ କରି ପାରି ନ ଥିବାବେଳେ ଉଚ୍ଛେଦ ନାମରେ ତାଙ୍କ ପେଟରେ ଲାତ ମାରୁଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ବରୁ ଏଠାରେ ଉଚ୍ଛେଦ ପାଇଁ ୪ଥର ଚେଷ୍ଟା କରାଯାଇଥିଲା। ତେବେ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟଙ୍କ ହସ୍ତକ୍ଷେପ ଫଳରେ ଏହା ବନ୍ଦ କରାଯାଇଥିଲା। ପରେ ମେୟର ସୁଲୋଚନା ଦାସ ଭେଣ୍ଡିଂଜୋନ୍ କରାଯାଇ ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜିପର୍ଯ୍ୟନ୍ତ ଥଇଥାନ କାମ ଆଗେଇ ପାରି ନ ଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଉଚ୍ଛେଦକୁ ବିରୋଧ କରି ଉଠାଦୋକାନୀମାନେ ଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ବିଷ୍ଣୁପୁର ବୋମା ମାଡ଼ ଘଟଣା: ୧ ଗିରଫ

ଟିଗିରିଆ,୨୫।୯(ଜାଫର ଖାଁ)

ଟିଗିରିଆ ଥାନା ହାଟମାଳ ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ରବିବାର ରାତିରେ ହୋଇଥିବା ବୋମା ମାଡ଼ ଘଟଣାରେ ସୋମବାର ଜଣକୁ ଗିରଫ କରାଯାଇଛି। ସେ ହେଲେ ଏହି ଗ୍ରାମର ଶିବ ପ୍ରସାଦ ଗୋଛି। ଅନ୍ୟ ୩ ଜଣ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଜ୍ଞାନରଞ୍ଜନ ସାମଲ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବଶତ୍ରୁତା କେନ୍ଦ୍ରକରି ରବିବାର ଖୁଦୁରୁକୁଣୀ ପୂଜା ସମୟରେ ବାଣ ଫୁଟା ସମୟରେ ୨ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଅନ୍ଧାରର ସୁଯୋଗ ନେଇ ଗୋଟିଏ ଗୋଷ୍ଠୀ ୪ଟି ବୋମା ମାଡ଼ କରିଥିଲା। ଫଳରେ ଗ୍ରାମର ଶ୍ରୀନିବାସ ସାମଲ, ନିଳିଆ ରାଉତ ଓ ସାଗର ଗୋଛି ଗୁରୁତର ହୋଇଥିଲେ। ଏନେଇ ସୋମବାର ଶ୍ରୀନିବାସଙ୍କ ଭାଇ ଗଣେଶ ସାମଲ ଟିଗିରିଆ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୧୯୨/୨୩) ରୁଜୁ କରାଯାଇଛି। ଅପରାହ୍ନରେ କଟକରୁ ସାଇଣ୍ଟିଫିକ ଟିମ୍ ଏବଂ ଆଠଗଡ ଏସ୍‌ଡି ପିଓ ରବୀନ୍ଦ୍ର କୁମାର ମଲ୍ଲିକ ଟିଗିରିଆରେ ପହଞ୍ଚି ତଦନ୍ତ କରିଛନ୍ତି।

### ଚାଉଳିଆଗଞ୍ଜ ଖୁଦୁରୁକୁଣୀ ମେଳଣ ଆରମ୍ଭ

କଟକ,୨୫।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ ସୋମବାରଠାରୁ ଆରମ୍ଭ ହୋଇଛି । ରବିବାର ବିଳମ୍ବିତ ରାତିରେ କୁମାରୀମାନେ ପୂଜା ଶେଷ କରିବା ପରେ ସୋମବାର ମଙ୍ଗଳା ମା'ଙ୍କୁ ଦର୍ଶନ କରିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଅଟାରି ସାହି, ସାହୁ ଲେନ, ମହାନ୍ତି ସାହି, ଭାଗବତ ସାହି, ଆର୍ତ୍ତତ୍ରାଣ ଲେନ, ବାଘମୁଣ୍ଡ ସାହି, ମଙ୍ଗଳା ସାହି, ତଳସାହି, ରାଧାକୃଷ୍ଣ ଲେନ, ଅପର୍ଣ୍ଣାନଗର, ତଳଘର ସାହି, ମଠ ପାଟଣା, କୁଞ୍ଜବିହାରୀ ଲେନ, ପାତ୍ର ଲେନ, ରାଧାମୋହନ ଲେନ, ପୃଷ୍ଟି ଲେନରେ ଖୁଦୁରୁକୁଣୀ ପୂଜା ଅନୁଷ୍ଠିତ ହେଉଛି । ସ୍ଥାନୀୟ ଅଞ୍ଚଳର ୧୭ଟି ପୂଜା ମଣ୍ଡପରେ ଖୁଦୁରୁକୁଣୀଙ୍କୁ ପୂଜା କରାଯିବା ସହ ମେଳଣ ଓ ଭସାଣି ଉତ୍ସବ ଜାକଜମକରେ ପାଳନ କରାଯିବ। ଆସନ୍ତା ୨୭ ତାରିଖ ଅପରାହ୍ନ ୨ଟା ସୁଦ୍ଧା ସବୁ ମେଢ଼ ଚାଉଳିଆଗଞ୍ଜ ଖେଳ ପଡିଆରେ ଏକାଠି ହେବା ପରେ ନମ୍ବର ଅନୁଯାୟୀ ଭସାଣି ଶୋଭାଯାତ୍ରାରେ ସାମିଲ ହେବେ। ଚାଉଳିଆଗଞ୍ଜ ଖେଳପଡିଆରୁ ମେଢ଼ ବାହାରି ମଠ ସାହି, ସାହି ଛକ, ଅଟାରି ସାହି, ଗାନ୍ଧୀ ଛକ, ନୀଳାଦ୍ରିବିହାର, କୈବଲ୍ୟବିହାର, ଅପର୍ଣ୍ଣାନଗର ମୁଖ୍ୟ ରାସ୍ତା, ଦୁର୍ଗା ଛକ, ତଳସାହିରେ ପହଞ୍ଚିବ। ଇତିମଧ୍ୟରେ ସବୁ ମେଢ ପକ୍ଷରୁ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସହ ଭସାଣି ଶୋଭାଯାତ୍ରା ପାଇଁ ବ୍ରହ୍ମପୁର ବାଜା, ଜଗତସିଂହପୁର ଘଣ୍ଟୁଆ, ଯାଜପୁର ଶଙ୍ଖୁଆଙ୍କୁ ବରାଦ ଦିଆଯାଇଛି । ସେହିପରି ମଙ୍ଗଳବାର ତଳସାହିରେ ଦର୍ଶକଙ୍କ ପାଇଁ ସାହିକମିଟି ପକ୍ଷରୁ ମାଗଣାରେ ସୁସ୍ୱାଦୁ ବ୍ୟଞ୍ଜନର ଆୟୋଜନ କରାଯାଇଛି।

# ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି ସିଏନ୍‌ବିଟି



କଟକ ନେତାଜୀ ବସ୍ ଟର୍ମିନାଲ ନିକଟରେ ଅଳିଆ ଗଦା ହୋଇରହିଛି।



ଟର୍ମିନାଲରେ ଶୟନକକ୍ଷରେ କାର୍ଯ୍ୟ ଚାଲିଛି।

କଟକ,୨୫।୯
(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ଉଦ୍‌ଘାଟନକୁ ୧୦ ଦିନ ବିତିଲାଣି, ହେଲେ ସମ୍ପୂର୍ଣ୍ଣ ଭାବେ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସିଏନ୍‌ବିଟିରେ କେବଳ ବସ୍ ଚଳାଚଳ ଆରମ୍ଭ ହୋଇସାରିଛି। ତେବେ ଏଠାରୁ ବସ୍ ଚଳାଚଳ ପାଇଁ ରାସ୍ତା କାମ ଶେଷ ହୋଇ ନ ଥିବାବେଳେ ସିଏନ୍‌ବିଟି ପରିସରସ୍ଥ ଅନେକ କେନ୍ଦ୍ର ଖୋଲିପାରିନାହିଁ। ସିଏନ୍‌ବିଟି ରୌପ୍ୟନଗରୀ ରୂପାନ୍ତରଣର ନୂଆ ଅଧ୍ୟାୟ ବୋଲି ଘୋଷଣା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୬ତାରିଖରେ ବହୁ ଆଡମ୍ବରରେ ଏହାର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନକୁ ୧୦ ଦିନ ବିତିଲାଣି। ଏବେ ବ୍ୟବସ୍ଥାର ଦୁର୍ବଳ ଚିତ୍ର ପଦାରେ ପଡ଼ିଛି। ବସ୍‌ଷ୍ଟାଣ୍ଡରେ କେଉଁଠି ପାଣି ନାହିଁ ତ, ଆଉ କେଉଁଠି ନବନିର୍ମିତ ବ୍ଲକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୋକାନ ନ ଥିବାରୁ ଯାତ୍ରୀଙ୍କ ପାଇଁ ଚା' ବିସ୍କୁଟ, ପାଣି କିଣିବାକୁ ପର୍ଯ୍ୟାପ୍ତ ବ୍ୟବସ୍ଥା ବି ନାହିଁ। ଏଥିସହ ଟର୍ମିନାଲରେ ଖୋଲିଥିବା ଅନେକ କେନ୍ଦ୍ର ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି। ସେପଟେ ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତ ହୋଇ ନ ଥିବା ବେଳେ କାହିଁକି ତରବରିଆ ଭାବେ ସିଏନ୍‌ବିଟିକୁ ଉଦ୍‌ଘାଟନ କରାଗଲା, ସେନେଇ ସବୁଠି ପ୍ରଶ୍ନ।

### ସ୍ୱାସ୍ଥ୍ୟ ଏବଂ ଆପାତକାଳୀନ ପରିସ୍ଥିତି କେନ୍ଦ୍ର ବନ୍ଦ

ସିଏନ୍‌ବିଟି ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ରହିଛି ସ୍ୱାସ୍ଥ୍ୟ ଏବଂ ଆପାତକାଳୀନ ପରିସ୍ଥିତି କେନ୍ଦ୍ର। ସିଏନ୍‌ବିଟିକୁ ଆସୁଥିବା ମହିଳାମାନେ ଏଠାରେ ମାଗଣାରେ କ୍ୟାନ୍‌ସର ଟେଷ୍ଟ କରିପାରିବେ। ଏନେଇ ଚେନ୍ନାଇର ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସିଏନ୍‌ବିଟିର ଉଦ୍‌ଘାଟନର ୧୦ଦିନ ପରେ ବି ଉକ୍ତ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ। କ୍ୟାନ୍‌ସର ଟେଷ୍ଟ ବ୍ୟତୀତ ଜରୁରିକାଳୀନ ସ୍ଥିତିରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ହେଲେ ସେଠାରେ ବର୍ତ୍ତମାନ ତାଲା ଝୁଲୁଛି।

### ଏଲ୍‌ଇଡି ସ୍କ୍ରିନ୍‌ରେ ମିଳୁନି ତଥ୍ୟ

ସିଏନ୍‌ବିଟି ଉଦ୍‌ଘାଟନ ପରେ ଯାତ୍ରୀଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ରହିଥିଲା କେଉଁ ବସ୍ କେଉଁ ସ୍ଥାନରେ ଲାଗିଛି ଜାଣିବା। ଏଥିପାଇଁ ପ୍ରତ୍ୟେକ ବସ୍ ବେଗୁଡ଼ିକରେ ଏଲ୍‌ଇଡି ସ୍କ୍ରିନ୍ ବ୍ୟବସ୍ଥା କରାଯାଇଛି। କେଉଁ ବସ୍ ଆସିଲା ଏବଂ ତାହା କେଉଁ ସ୍ଥାନକୁ ଯିବ ସମସ୍ତ ତଥ୍ୟ ପ୍ରଦର୍ଶିତ ହେବାର ଥିଲା। ସେହିଭଳି କେତେବେଳେ କେଉଁ ବସ୍ ଆସିବ ତାହାର ସମୟ ସୂଚୀ ବିଷୟରେ ଯାତ୍ରୀମାନଙ୍କୁ ଅବଗତ କରାଯିବ। ହେଲେ ଏଲ୍‌ଇଡି ସ୍କ୍ରିନ୍ ବନ୍ଦ ପଡ଼ିଛି। ଉଦ୍‌ଘାଟନୀ ଦିନ ଲୋକଦେଖାଣିଆ ଭାବେ ଏଲ୍‌ଇଡି ସ୍କ୍ରିନ୍‌ଗୁଡିକୁ ଚାଲୁ କରାଯାଇଥିଲା। ପରେ ସେଗୁଡ଼ିକ ବନ୍ଦ ପଡ଼ିଥିବାରୁ ଯାତ୍ରୀଙ୍କ କାମରେ ଆସୁନି। ରେଳଷ୍ଟେଶନ ଭଳି ବ୍ୟବସ୍ଥା କରାଯାଇଛି, ହେଲେ ତାହା ନାମକୁ ମାତ୍ର ବୋଲି ସାଧାରଣରେ ଆଲୋଚନା ହେଉଛି। ବସ୍‌ଗୁଡିକର ଚଳାଚଳ ସମ୍ପର୍କରେ ତଥ୍ୟ ପାଇ ନ ପାରି ଯାତ୍ରୀ ହଇରାଣ ହେଉଛନ୍ତି।

### ଉଦ୍‌ଘାଟନକୁ ୧୦ଦିନ ବିତିଲା




ପାଣି ଟ୍ୟାପ୍ ନିକଟରେ ପାନଛେପ ପଡ଼ିଛି।

### ଯାତ୍ରୀ ଆଶ୍ରୟସ୍ଥଳୀରେ ତାଲା

ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ପାଇଁ ସିଏନ୍‌ବିଟି ପରିସରରେ ଯାତ୍ରୀ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇଛି। ସିଏନ୍‌ବିଟିର ପ୍ରଥମ ମହଲାରେ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ ରହିଛି। ସୁଲଭ ମୂଲ୍ୟରେ ଯାତ୍ରୀମାନେ ଏଠାରେ ରହିପାରିବେ। ହେଲେ ପୁରୁଷ ଶୟନାଳୟ ବା ଆଶ୍ରୟସ୍ଥଳୀ କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ମହିଳା ଶୟନାଳୟରେ ତାଲା ଝୁଲୁଛି। ଏଥିଯୋଗୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

### ସବୁଆଡ଼େ ପାନଛେପ

ସିଏନ୍‌ବିଟି ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ କଡ଼ା ନିୟମ କରାଯାଇଥିଲା। ପାନଛେପ ପକାଇଲେ ୫ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ହେଲେ ଏହାକୁ କେହି ଭୃକ୍ଷେପ କରୁନାହାନ୍ତି। କାରଣ କିଛିଦିନରେ ସ୍ଥିତି ପରିବର୍ତ୍ତନ ହୋଇଛି। ଯିଏ ଯେଉଁଠି ପାରିଲା ପାନଛେପ ପକାଇଛି। ଏପରିକି ଥଣ୍ଡା ପାନୀୟଜଳ ରଖାଯାଇଥିବା ସ୍ଥାନ ପାନଛେପରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି।

### ଟ୍ରାଫିକ୍ ସମସ୍ୟା, ରାସ୍ତା ଜାମ୍

ଖାନନଗର ରାସ୍ତା ଦେଇ ଟର୍ମିନାଲରୁ ୫ଶହରୁ ଅଧିକ ବସ୍ ଯିବାର ଥିବାବେଳେ ଏହି ରାସ୍ତା ନିର୍ମାଣ ହୋଇନାହିଁ। ଶେଷ ସମୟରେ ପ୍ରଶାସନ ନିଷ୍ପତ୍ତି ପରିବର୍ତ୍ତନ କରିଥିଲା। ଖାନନଗର ରାସ୍ତା ପରିବର୍ତ୍ତେ ସମସ୍ତ ବସ୍ ବାଦାମବାଡ଼ି ଟ୍ରାଫିକ ଛକ ଦେଇ ଲିଙ୍କ ରୋଡ୍ ଯିବା କାରଣରୁ ଅତ୍ୟଧିକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବସ୍ ପଛକୁ ପଛ ଲମ୍ୱାଧାଡ଼ିରେ ଅଟକି ରହି ରାସ୍ତା ଜାମ୍ କରୁଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

କଟକ/ ଖୁଣ୍ଟୁଣୀ/ ଚୌଦ୍ୱାର/ (କାର୍ତ୍ତିକ ସାହୁ/ ସଚ୍ଚିଦାନନ୍ଦ ପଣ୍ଡା / ଆଶୁତୋଷ ଦାସ) ୨୫।୯:

ବାଇମୁଣ୍ଡି ମଣ୍ଡଳ ଓବିସି ମୋର୍ଚ୍ଚା ତରଫରୁ ଏକାତ୍ମ ମାନବବାଦ ଓ ଅନ୍ତ୍ୟୋଦୟର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ମୁରଲୀ ଶତପଥୀ ପଣ୍ଡିତ ଦୀନଦୟାଲଙ୍କ ସମାଜ ପ୍ରତି ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଦୀପ୍ତି ରଞ୍ଜନ ପଣ୍ଡା, ଶ୍ରୀକାନ୍ତ ବେହେରା, ସତ୍ୟରଞ୍ଜନ ଦାସ, ତପନ ବେହେରା, ବାଉରୀବନ୍ଧୁ ପାଇକରାଏ, ସୂର୍ଯ୍ୟ ରଞ୍ଜନ ସାମଲ, ହୃଦାନନ୍ଦ ଦାସ, ସ୍ନେହମଞ୍ଜରୀ ମହାନ୍ତି, ଜୟଲକ୍ଷ୍ମୀ ପଟନାୟକ, ଅମୀୟ ସିଂ, ଜଗନ୍ନାଥ ସିଂ, ଦିନୟନ ସାମଲ, ଲତାମଞ୍ଜରୀ ମୁଦୁଲି, ସୀମା ବେହେରା, ବବିତା ସାହୁ, ନମିତା ନାୟକ, ପୁଷ୍ପା ମୁଦୁଲି, ବିନୋଦିନୀ ନାୟକ, ସୁଶାନ୍ତ ମୁଦୁଲି, ସୋନାଲି ଘୋଷ, ଅନିରୁଦ୍ଧ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ଖୁଣ୍ଟୁଣୀରେ ଦିନଦୟାଲ ଉପାଧ୍ୟକ୍ଷଙ୍କ ୧୦୭ ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟୁଣୀ ମଣ୍ଡଳ ଭାଜପା ସଭାପତି ଉମେଶ ଚନ୍ଦ୍ର ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ବେହେରା, ସୁବାସ ମହାନ୍ତି, ଶ୍ରୀନିବାସ ସାହୁ, ଗୀତାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଚୌଦ୍ୱାରରେ ଭାଜପା କଟକ ଜିଲା ଉପସଭାପତି ପ୍ରଶାନ୍ତ ହୋତାଙ୍କ ପୌରୋହିତ୍ୟରେ ସ୍ଥାନୀୟ ହାପି ୱାର୍ଲ୍ଡ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶଚନ୍ଦ୍ର ବଡ଼ଜେନା ପ୍ରମୁଖ ଯୋଗଦେଇଥିଲେ।

# ଜିଲାପାଳଙ୍କ ଜନଶୁଣାଣିରେ ୨୯ ଅଭିଯୋଗ

ଆଠଗଡ଼,୨୫।୯(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀଅଧକ୍ଷତା କରିଥିଲେ। ଏହି ଅବସରରେ ୨୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ୭ଟି ସାମୂହିକ ଓ ୨୨ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଏହି ଅବସରରେ ୧ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶାନ୍ତିଲତା ବେହେରାଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ରେଡ଼କ୍ରସ ପାଣ୍ଠିରୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଶିବୋ ଟପ୍ପେ,ଗ୍ରାମାଞ୍ଚଳ ଏସପି ମିହିର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳ, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର, ବିଡିଓ ପ୍ରଦୀପ କୁମାର ସାହୁ, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ।



ଜନ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ଗ୍ରାମଖାଦ୍ୟ ସୁରକ୍ଷା ସମିତିର ଏକ ଦିବସୀୟ କର୍ମଶାଳା

ବଡ଼ମ୍ବା,୨୫।୯(ମାୟାଧର ମଲ୍ଲିକ)

ଓଡିଶାର ଅଗ୍ରଣୀ ଆଇନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ଲାପର ଖାଦ୍ୟ ସୁରକ୍ଷା ପ୍ରକଳ୍ପ ତରଫରୁ ଗ୍ରାମ୍ୟ ଖାଦ୍ୟ ସୁରକ୍ଷା ସମିତି ସଦସ୍ୟ ମାନଙ୍କର ଏକ ଦିବସୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ କୋଟପଲ୍ଲୀସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କର୍ମଶାଳାରେ ୨୧ ଖାଦ୍ୟ ସୁରକ୍ଷା ସମିତି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ସ୍ୱେଚ୍ଛାସେବୀ, ପାରାଲିଗାଲିଷ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଖାଦ୍ୟ ସୁରକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ଡ଼. ସଦାନନ୍ଦ ବାଘ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ସମ୍ବଳ ବ୍ୟକ୍ତି ଭାବେ କାପାସିଟି ବିଲଡିଂ ପରିଚାଳକ ସାଗର ସଂଗ୍ରାମ ରାଜୁ ଓ ଅନୁରୂପ ଗୌରବ ପଟ୍ଟନାୟକ ଯୋଗଦେଇଥିଲେ। ସୋସିଓ ଲିଗାଲ ଆନିମେଟର ଦେବବ୍ରତ ମାନସ କୁମାର ମାନସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନତା ଶୁବଦର୍ଶୀନି ରାଉତ, ଧନେଶ୍ୱର ରାଉତ, ସରୋଜ କୁମାର ସାହୁ, ,ସଲିମୁଦ୍ଦିନ ଖାଁ ଓ ସତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚିନ୍ମୟ ଗୋଛି ଧନ୍ୟବାଦ ଅର୍ପଣ କରିଥିଲେ।

### ଚାହାପଡା ରାଉତସାହିରେ ଖୁଦୁରୁକୁଣୀ ଓଷା



ମାହାଙ୍ଗା,୨୫।୯(ଯଯାତି ସିଂହ):

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡା ପଞ୍ଚାୟତସ୍ଥିତ ରାଉତ ସାହିରେ ପାଞ୍ଚ ପାଳି ଧରି ଖୁଦୁରୁକୁଣୀ ଓଷା ପାଳିତ ହେଉଅଛି। ଗୀତାଞ୍ଜଳୀ ରାଉତଙ୍କ ନେତୃତ୍ୱରେ ରଶ୍ମିତା ରାଉତ, ଲିପ୍ସା ରାଉତ, ସ୍ମୃତି ପ୍ରଜ୍ଞା ରାଉତ, ଆକାଂକ୍ଷା ରାଉତ, ଅର୍ପିତା ରାଉତଙ୍କ ସମେତ ବହୁ ଯୁବତୀ ଓ ମହିଳାମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।



ହିନ୍ଦୁ ଏକତା ମଞ୍ଚର କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଅତିଥିମାନେ ।

# ହିନ୍ଦୁ ଏକତା ମଞ୍ଚର କାର୍ଯ୍ୟକାରିଣୀ ବୈଠକ

କଟକ,୨୫।୯(କାର୍ତ୍ତିକ ସାହୁ):

ହିନ୍ଦୁ ଏକତା ମଞ୍ଚର କାର୍ଯ୍ୟକାରିଣୀ ବୈଠକ ପୋତାପୋଖରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଂଯୋଜକ ପ୍ରଦୀପ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ବାବାଜୀ ବିଶ୍ୱନାଥ ଦାସ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ ସନାତନ ଧର୍ମ ସଚରାଚର ସୃଷ୍ଟିରେ ଆରମ୍ଭରୁ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ସ୍ୱାମୀ ଶ୍ରୁତିସାଗର ସରସ୍ୱତୀ ମହାରାଜ ଯୋଗଦେଇ ହିନ୍ଦୁ ରାଷ୍ଟ୍ର ଗଠନ ଉପରେ ନିଜର ମତ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅରୁନ୍ଧତୀ ମାତା ଓ ମିହିର ପଟ୍ଟନାୟକ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କହିଥିଲେ। ଏହି ଅବସରରେ କହ୍ନେଇପୁରସ୍ଥିତ ରାଜ୍ୟ କାର୍ଯ୍ୟାଳୟକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ବୈଠକରେ ବିଭିନ୍ନ ଜିଲାରୁ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ଜ୍ୟୋତିର୍ମୟ ଦାସ, ସନ୍ତୋଷ ସାହୁ, ରଣଜିତ ଦାସ, କ୍ଷେତ୍ରମୋହନ ବେହେରା, ଆଦିତ୍ୟ ପ୍ରତାପ ଧଳ, ଗଦାଧର ମହାରଣା, ଅଶୋକ କୁମାର ବାରିକ, ଲକ୍ଷ୍ମୀନାରାୟଣ ରାୟ, ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସହସଂଯୋଜକ ସୁରେନ୍ଦ୍ର କୁମାର ମହାନ୍ତି ବିବରଣୀ ପାଠ କରିଥିବାବେଳେ ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଚାଲିଛି ଚାନ୍ଦିମେଢ଼ ସଫା, ପଲିସ୍ କାମ

### ମା'ଙ୍କ ପାଇଁ ପୂଜାମଣ୍ଡପରେ ପ୍ରସ୍ତୁତି ଜୋରଦାର

କଟକ,୨୫।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଗଣେଶ ପୂଜାଠାରୁ କଟକ ସହରରେ ବାରିହୋଇପଡ଼ିଲାଣି ପାର୍ବଣର ପରିବେଶ। ଦଶହରା ଲାଗି କଟକ ସହରର ସାହିବସ୍ତି, ସବୁଠାରେ ଆରମ୍ଭ ହୋଇଯାଇଛି ପ୍ରସ୍ତୁତିପର୍ବ। ପୁରୁଣା ପୂଜାମଣ୍ଡପଗୁଡ଼ିକରେ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କାମ ଆରମ୍ଭ ହୋଇଗଲାଣି। କେତୋଟି ମଣ୍ଡପରେ ନଡ଼ା ଭିଡ଼ା କାମ ଚାଲିଛି। ଆଉ କେତୋଟିରେ ଏକମାଟିଆ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ବିଶେଷ କଥା ହେଲା, ପରମ୍ପରାକୁ ଆଧାର କରି କାରିଗରମାନେ ମୂର୍ତ୍ତି ନିର୍ମାଣ କାମ ଆରମ୍ଭ କରନ୍ତି। କାରଣ ସାଜସଜ୍ଜାରେ ଅଭାବ ରହିଲେ ଚଳିବ, କିନ୍ତୁ ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭ କରି ପୂଜା ପର୍ଯ୍ୟନ୍ତ ସବୁକିଛି ପରମ୍ପରା ଅନୁସାରେ ହେବା ନିଶ୍ଚିତ। ଏହା ହିଁ ହେଉଛି କଟକୀ ଚଳଣିର ବିଶେଷତା। ତେଣୁ ଗଣେଶ ପୂଜା ସରିଗଲାମାନେ ଦଶହରା ପାଇଁ ପ୍ରସ୍ତୁତି ଆରମ୍ଭ ହେବା ନିଶ୍ଚିତ। ସେହି କ୍ରମରେ ଏବେ କାରିଗରମାନେ ଦେବୀଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ କାମ ଆରମ୍ଭ କରିଦେଇଛନ୍ତି। କଟକୀ ପରମ୍ପରା ଅନୁସାରେ ରାଣୀହାଟ ପୂଜାମଣ୍ଡପରେ ଅକ୍ଷୟତୃତୀୟା ଦିନ ମୂର୍ତ୍ତି ନିର୍ମାଣ କାମର ଅନୁକୂଳ ହୁଏ। ସେହିପରି ଚାନ୍ଦିନୀଚୌକ, ମାନସିଂପାଟଣା, ହରିପୁର ଭଳି ଅନେକ ପୂଜାମଣ୍ଡପରେ ଗଣେଶପୂଜା ଦିନ ଖଡମାରେ ନଡ଼ା ବନ୍ଧା ହୋଇଛି। ସେହିପରି ଖାନନଗର ପୂଜା ମଣ୍ଡପରେ ମା'ଙ୍କ ମୂର୍ତ୍ତି ପାଇଁ ଏକ ମାଟିଆ କାମ ଶେଷ ହୋଇଗଲାଣି। ସେହିପରି ଚଳିତବର୍ଷ କଟକ ସହରରେ ଚାନ୍ଦିମେଢ ସଂଖ୍ୟା ୩୧ ଛୁଇଁଛି। ଚଳିତବର୍ଷ ସହରରେ ୩ଟି ନୂଆ ଚାନ୍ଦିମେଢ଼ ଦେଖିବାକୁ ମିଳିବ। ଦୁର୍ଗାପୂଜାକୁ ନଜରରେ ରଖି ମଣ୍ଡପଗୁଡ଼ିକ ଚାନ୍ଦିମେଢ଼ ଓ ଆଭୂଷଣ ସଫା ତଥା ପଲିସ୍ କାମ ଆରମ୍ଭ କରିଦେଇଛନ୍ତି। ବିଡାନାସୀ ପୂଜାମଣ୍ଡପରେ ଚାନ୍ଦିମେଢ ସଫା ଓ ପଲିସ୍ କାମ ଆରମ୍ଭ ହୋଇଛି। ୧୫ ଦିନ ମଧ୍ୟରେ କାରିଗରମାନେ ସଫା କାମ ସାରିବା ପରେ ୨ କୁଇଣ୍ଟାଲ ୬୫ କେଜି ଚାନ୍ଦିରେ ମାଆଙ୍କ ମେଢ ନିର୍ମାଣ ଆରମ୍ଭ ହେବ।



ବିଡ଼ାନାସୀ ଦୁର୍ଗାପୂଜା ମଣ୍ଡପରେ ମେଢ଼ରେ ବ୍ୟବହୃତ ଚାନ୍ଦି ଅଳଙ୍କାରଗୁଡ଼ିକୁ ସଫା କରାଯାଉଛି।

## ସଂକ୍ଷେପରେ

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

**ପୁରୀ, ୨୫।୯(ଅଜିତ ମହାନ୍ତି):**

ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୧ଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗଗୁଡିକର ଅନୁଧାନ କରି ତୁରନ୍ତ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

### ୧୦ ଗ୍ରାମ ବ୍ରାଉନ ସୁଗାର ଜବତ: ବେପାରୀ ଗିରଫ

**ପୁରୀ, ୨୫।୯(ଅଜିତ ମହାନ୍ତି):**

ସମୁଦ୍ରକୂଳ ଥାନା ପୋଲିସ ଜଣେ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲି ହରିଜନସାହିର ସୁବ୍ରତ ନାୟକ। ତାଙ୍କଠାରୁ ୧୦ ଗ୍ରାମ ୨୦୦ ମିଲିଗ୍ରାମ୍ ବ୍ରାଉନ ସୁଗାର, ନଗଦ ୧୨୦୦ ଟଙ୍କା ଏବଂ ଗୋଟଏ ସ୍କୁଟି ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୨୪୨/୨୩) ରୁଜୁ କରିଛି। ସୂଚନା ଅନୁଯାୟୀ, ଥାନା ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ସମୟରେ ଜଣେ ବ୍ୟକ୍ତି ବ୍ରାଉନ ସୁଗାର ବିକ୍ରି ପାଇଁ ବାଙ୍କି ମୁହାଣ ଛକ ନିକଟରେ ଅପେକ୍ଷା କରିଥିବା ପୋଲିସ ଖବର ପାଇ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।



**ପୁରୀ:** ପ୍ରଭୁ ଗଣେଶଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି ।



ଶରଧାବାଲିଠାରେ ଆୟୋଜିତ ଗଣେଶ ଭସାଣି ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଯୋଗାଣ ବିଭାଗରେ ଚାଉଳ କମିଶନରେ ଦୁର୍ନୀତି

**କୋଣାର୍କ, ୨୫।୯(ଜ୍ୟୋତିରାଜ ମହାନ୍ତି)**

- ୪ ବ୍ଲକ ସମେତ ଜିଲାରୁ ବିପୁଳ ଟଙ୍କା କମିଶନ ଆଦାୟ ଅଭିଯୋଗ
- ଭିଜିଲାନ୍ସ ତଦନ୍ତ ଦାବି

ରାଜ୍ୟ ଯୋଗାଣ ବିଭାଗ ଦ୍ୱାରା ହିତାଧିକାରୀଙ୍କ ପାଇଁ ଆସୁଥିବା ଚାଉଳ ବଣ୍ଟନ ବାବଦକୁ ରିଟେଲରମାନେ କମିଶନ ନେଉଥିଲାବେଳେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ କମିଶନ ଦେଉଥିବା ଜଣାପଡିଛି। ସେହି କମିଶନରୁ ଲକ୍ଷାଧିକ ଟଙ୍କା ଚାନ୍ଦା ଆଦାୟ କରାଯାଇ ବିଭଗୀୟ ଅଧିକାରୀଙ୍କ ସମେତ ବଡ଼ବଡ଼ିଆଙ୍କ ପକେଟକୁ ଯାଉଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ଅପରାହ୍ନରେ କୋଣାର୍କ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଘଟଣାର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ କହିଛନ୍ତି।

ଗତ କରୋନା ସମୟରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଓଡ଼ିଶାରେ ହିତାଧିକାରୀଙ୍କ ପାଇଁ ଆସିଥିବା ଚାଉଳ ବଣ୍ଟନ ବାବଦକୁ କେନ୍ଦ୍ର ସରକାର ପ୍ରତ୍ୟେକ ରିଟେଲରଙ୍କୁ ୨୮ ମାସର କମିଶନ ବାବଦରେ କୁଇଣ୍ଟାଲ ପିଛା ୧୧୪ଟଙ୍କା ଦେଇଛନ୍ତି। ରିଟେଲରମାନେ ୬ମାସର ବିଲ ପାଇଥିବାବେଳେ ସେହି ବିଲ ବାବଦରେ ପ୍ରତି କୁଇଣ୍ଟାଲ ପିଛା ୨୦ଟଙ୍କା ଚାନ୍ଦା ଆକାରରେ ଆଦାୟ କରାଯାଇ ଗୋପ, ନିମାପଡ଼ା, କାକଟପୁର ଓ ଅସ୍ତରଙ୍ଗ ବ୍ଲକରୁ ପ୍ରାୟ ୨୫ଲକ୍ଷ ଟଙ୍କା ଯୋଗାଣ ବିଭାଗର ବଡ଼ବଡିଆଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ୪ବ୍ଲକର ରିଟେଲରଙ୍କଠାରୁ ମାସିକ କୁଇଣ୍ଟାଲ ପିଛା ୧୦ଟଙ୍କା ହିସାବରେ ପ୍ରାୟ ୨ଲକ୍ଷ ଟଙ୍କା ଅଧିକାରୀ ନେଉଛନ୍ତି। ଏହିପରି ସମଗ୍ର ଜିଲାରୁ ରିଟେଲରଙ୍କଠାରୁ କୋଟି କୋଟି ଟଙ୍କା କମିଶନ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହା ବାଦ କିରୋସିନରେ ମଧ୍ୟ ବଡ଼ ଦୁର୍ନୀତି ହେଉଥିବା ଜଣାପଡ଼ିଛି। ମିଲରମାନେ ଦେଉଥିବା ଚାଉଳର ମାନ ଠିକ ଭାବେ ଯାଞ୍ଚ କରା ନ ଯାଇ ଯାଞ୍ଚ କରୁଥିବା ଅଧିକାରୀ ଲକ୍ଷାଧିକ ଟଙ୍କା ମିଲର ମାଲିକଙ୍କଠାରୁ ଆଦାୟ କରିବା, ମଣ୍ଡିରୁ ଧାନ ନେବାବେଳେ କୁଇଣ୍ଟାଲ ପିଛା ୭ କେଜି ଚାଷୀଙ୍କ ଧାନ କଟାଯାଏ ଏବଂ ଚାଷୀଙ୍କ ଅଖାକୁ ନେଇ ସରକାରଙ୍କଠାରୁ ଏ ବାବଦରେ ମିଲରମାନେ ଲକ୍ଷାଧିକ ଟଙ୍କା ବିଲ କରି ନେଉଛନ୍ତି। ତୁରନ୍ତ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଯିବା ସହିତ ଅର୍ଥ ହଡ଼ପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ ମଲ୍ଲିକ ଦାବି କରିଛନ୍ତି।

## ରାଶନ କାର୍ଡ ହିତାଧିକାରୀଙ୍କୁ ମିଳୁନି ଚାଉଳ

### ବିଡିଓଙ୍କୁ ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ

**ଗୋପ, ୨୫।୯(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ପଞ୍ଚାୟତର ଜଣେ ଡିଲର ୬ ମାସ ହେବ ରାଶନ କାର୍ଡ ହିତାଧିକାରୀଙ୍କ ଚାଉଳ ହଡ଼ପ କରିଥିବା ନେଇ ସୋମବାର ବିଡିଓ ଦୀପ୍ତିରାଣୀ ଦାସଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ବିଡିଓ ତୁରନ୍ତ ସମ୍ପୃକ୍ତ ଡିଲରଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ୍ତ ସେଠୀ ମଙ୍ଗଳବାର ତଦନ୍ତ କରିବେ ବୋଲି କହିଛନ୍ତି। ତେବେ ପୂର୍ବରୁ ମହଲପଡ଼ା ପଞ୍ଚାୟତର ୪ ଗୋଟି ଡିଲର କେନ୍ଦ୍ରରେ ସରକାରୀ ଚାଉଳ ହଡ଼ପର ତଦନ୍ତରେ ଶିଥିଳତା ଦେଖାଦେଇଥିବାବେଳେ ଆଉ ଏକ ଅଭିଯୋଗ କିପରି ତଦନ୍ତ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଜୁଆଆଡ୍ଡାରେ ଚଢ଼ାଉ, ୩ ଗିରଫ

**ଟାଙ୍ଗୀ, ୨୫।୯(ରଘୁନାଥ ସାହୁ):**

ଚାନ୍ଦପୁର ପୋଲିସ ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୩୫ ହଜାର ୬୭୦ ଟଙ୍କା ଓ ୬ଟି ବାଇକ ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ପଲ୍ଲାହାଟର ଉଚ୍ଛବ ପ୍ରଧାନ, ଭୂଷଣ୍ଡପୁର ଉରୁମୁଖି ସାହିର ବ୍ରଜ ବେହେରା ଓ ଚାନ୍ଦପୁର ଥାନା କନ୍ଦନୟାଗଡ ଗ୍ରାମର ଗଣେଶ ବେହେରା। ସୂଚନା ମୁତାବକ, ଓସ୍ତପଡା କାଜୁ ଜଙ୍ଗଲରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଚଢ଼ାଉକରି ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୬୪/୨୩)ରୁଜୁ ପରେ ଅଭଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଜଗଦୀଶ କର କହିଛନ୍ତି।

## ଆଗାମୀ ନିର୍ବାଚନ ପାଇଁ କଂଗ୍ରେସର ବ୍ଲୁ ପ୍ରିଣ୍ଟ

**ପିପିଲି, ୨୫।୯(ପ୍ରଭାତ ମହାପାତ୍ର)**

ପିପିଲି ବ୍ଲକ ଦାଣ୍ଡମୁକୁନ୍ଦପୁର ପଞ୍ଚାୟତର କ୍ଷେତ୍ରପାଳି ମନ୍ଦିର ପରିସରରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗଦେଇ ସମସ୍ତଙ୍କୁ ମାର୍ଗଦର୍ଶନ କରିଥିଲେ। ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ କ୍ରିୟାଶୀଳ କରାଇବାକୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଉଛି। କଂଗ୍ରେସ କର୍ମୀଙ୍କ ବିଭିନ୍ନ ସମସ୍ୟା ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା, ଭତ୍ତା ପର୍ଯ୍ୟନ୍ତ ସୁବିଧା କିଭଳି ପିପିଲି ଡେଲାଙ୍ଗର ସାଧାରଣ ଗରିବ ହିତାଧିକାରୀ ପାଇପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଦଳ କିପରି ନିର୍ବାଚନ ଲଢିବ ସେଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ କର୍ମୀ ଘରକୁ ଘର ବୁଲି ଜନସାଧାରଣଙ୍କୁ କିଭଳି କଂଗ୍ରେସରେ ସାମିଲ କରାଇବେ ସେନେଇ ଆଲୋଚନା ହୋଇଥିଲା। ସମ୍ମିଳନୀରେ ମିଶ୍ରଙ୍କ ସମେତ ନଗର କଂଗ୍ରେସ ସଭାପତି ଏସ୍‌କେ ମେହବୁବ୍, ସୌମ୍ୟରଞ୍ଜନ ବରାଳ, ଏସ୍‌କେ ଆରିଫ, ରଣଜିତ୍ ମହାପାତ୍ର, ମାନସ ଦାଶ, ପିପିଲି ବ୍ଲକ କୃଷକ ସେଲ ସଭାପତି ପ୍ରଶାନ୍ତ ଜେନା, ଏସ୍‌କେ ଶବିର, ଭରତ ବାରିକ, ସୁରେନ୍ଦ୍ର ସେଠୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା କଂଗ୍ରେସ ପଦାଧିକାରୀ ଏବଂ କର୍ମୀମାନେ ।

## ଗ୍ରାମୀଣ ଶିଳ୍ପ ଉଦ୍ୟାନ ପ୍ରକଳ୍ପର ଶିଳାନ୍ୟାସ



କାର୍ଯ୍ୟକ୍ରମରେ ଉପସ୍ଥିତ ହିତାଧିକାରୀମାନେ ।

**ପିପିଲି, ୨୫।୯(ଦୁର୍ଗାମାଧବ ମିଶ୍ର)**

ପିପିଲିରେ ଖୁବ୍‌ଶୀଘ୍ର ଖୋଲିବ ଗ୍ରାମୀଣ ଶିଳ୍ପ ଉଦ୍ୟାନ। ଯେଉଁଠାରେ ଛତୁ, ଡାଲି, ସସ୍, ଟେଷ୍ଟ ହାଉସ୍, ଛୋଟ ଶୀତଳ ଭଣ୍ଡାର ଭଳି ୫ପ୍ରକାର ସୁବିଧା ଯୋଗାଇ ଦେବେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା ସହିତ ସରକାରଙ୍କ ବ୍ୟବହାର ହେଉ ନ ଥିବା ଘର ଯୋଗାଇ ଦିଆଯିବ। ପୁରୀ ଜିଲାରେ ଏହା ପ୍ରଥମଥର ଭାବରେ ପିପିଲି ବ୍ଲକରେ ଖୋଲାଯାଇଛି। ଏହା ପର୍ଯ୍ୟାୟକ୍ରମେ ଡେଲାଙ୍ଗ ଓ ପୁରୀ ସଦର ବ୍ଲକରେ କରାଯିବ। ସୋମବାର ପିପିଲି ବ୍ଲକରେ ଆନୁଷ୍ଠାନିକ ଭାବେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଜିଲାରେ ପ୍ରଥମଥର ଭାବରେ ପିପିଲି ବ୍ଲକରେ ଏହି ସୁବିଧା ସରକାର ଯୋଗାଇ ଦେଇଥିବାରୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅସରରେ ବ୍ଲକ ପରିସରରେ ଯୁବ ଓ ମହିଳା ସଶକ୍ତୀକରଣ ଗୃହ ଶିଳାନ୍ୟାସ ସମେତ ୮୪୫ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ ସ୍ୱାଇଁ, ବିଡିଓ ରଶ୍ମିତା ନାଥ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଏମ୍‌ପିଙ୍କ ନୋମିନ ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ବଳିଆପଣ୍ଡା ମହେଶ୍ୱର ନଗରବାସୀଙ୍କୁ ପଟ୍ଟା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦାବିରେ ପୁରୀ ଜିଲା ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

## ନୟାସବେରା ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ନିମାପଡ଼ା, ୨୫।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥାନ ନୟାସବେରା ୟୁଥ୍ ଟ୍ରଷ୍ଟ ଓ ଭୂମିକା ଚକ୍ଷୁ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଜଲକ୍ଷ୍ମୀ ମଣ୍ଡପଠାରେ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ସ୍ଥାନୀୟ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନସିଲର ନିବେଦିତା ପଟ୍ଟନାୟକ, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର, ସାମାଜିକ କର୍ମୀ ଆଶ୍ରିତ ପଟ୍ଟନାୟକ, ବିଚିତ୍ରାନନ୍ଦ ପାତ୍ର, ୟୁଥ ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା, ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, ଉପଦେଷ୍ଟା ଜୀବନଜ୍ୟୋତି ଶତପଥୀ, ଶିକ୍ଷାବିତ୍ ପ୍ରତାପଚନ୍ଦ୍ର ସାବୁତ୍ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ବିଭିନ୍ନ ସେବାମୂଳକ ଜନସଚେତନତା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଏହି ଶିବିରର ସଫଳ କାମନା କରିଥିଲେ। ଶିବିରରେ ଭୂମିକା ଚକ୍ଷୁ ହସ୍ପିଟାଲର ଡାକ୍ତରମାନେ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଶତାଧିକ ଚକ୍ଷୁ ରୋଗୀ ଶିବିରରେ ଚକ୍ଷୁ ପରୀକ୍ଷା କରି ବହୁଳ ଭାବେ ଉପକୃତ ହୋଇଥିଲେ। ଟ୍ରଷ୍ଟର ସଦସ୍ୟ ସୋମିତା ଭାଟିଆ, ମୀନତି ବେହେରା, ସୁଲଗ୍ନା ସାହୁ, ଟି.ମୁନି, ପ୍ରଦୀପ ସ୍ୱାଇଁ, ଅମିତ ପରିଜା, ଜଗବନ୍ଧୁ ପରିଡ଼ା, ସୁଶାନ୍ତ ରାଉତରାୟଙ୍କ ସମେତ ୪୦ଜଣ ସଦସ୍ୟ ଶିବିରରେ ସଂଯୋଜନା ଓ ପରିଚାଳନା କରିଥିଲେ।



ଶିବିରରେ ଅତିଥି, ଡାକ୍ତରଙ୍କ ଗହଣରେ ଟ୍ରଷ୍ଟର ସଦସ୍ୟବୃନ୍ଦ।

# ମା, ମାଟି, ମଣିଷର ଜୟଗାନ କରେ କୁମାର କବିଙ୍କ ରଚନା

**ପୁରୀ, ୨୫।୯(ଅଜିତ ମହାନ୍ତି):**

**ତ୍ରୟୋଦଶ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହ**

- ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ମିଳୁ
- ହରିହର ମିଶ୍ରଙ୍କୁ କୁମାର କବି ସମ୍ମାନ

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ କୁମାର କବି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସୋମବାର ଜିଲା ସଂସ୍କୃତି ଭବନରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ, ସଂସ୍କୃତି ଗବେଷକ, ସାରସ୍ୱତ ସାଧକ, କଥା କୌସ୍ତୁଭ କୁମାର କବି ଅରକ୍ଷିତ ପ୍ରଧାନଙ୍କ ତ୍ରୟୋଦଶ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହ ଆୟୋଜିତ ହୋଇଯାଇଛି। ସମାରୋହକୁ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଉଦ୍‌ଘାଟନ କରି କହିଥିଲେ, କୁମାର କବି ଥିଲେ ମହାନ ଭାରତୀୟ ସଂସ୍କୃତିର ଗବେଷକ, ଉତ୍କଳୀୟ ସଂସ୍କୃତିର ପ୍ରଚାରକ ଏବଂ ଆସାମ-ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସଂଯୋଜକ। ତାଙ୍କ ୧୮ ଖଣ୍ଡ କାଳଜୟୀ ପୁସ୍ତକ ଓଡ଼ିଶା ସାହିତ୍ୟ ଜଗତକୁ ଅମୂଲ୍ୟ ଅବଦାନ। ତାଙ୍କ ଜୀବନୀ ପୁସ୍ତକ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରକାଶନ ପାଇଁ ସେ ସଭାରେ ପ୍ରସ୍ତାବ ରଖିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଥିଲେ ଯେ, କୁମାର କବି ଥିଲେ ଭାଷା, ଭାବ, ସଂସ୍କୃତି ଓ ସଂସ୍କୃତର ମହାକବି। ତାଙ୍କ କାଳଜୟୀ ଗ୍ରନ୍ଥସମୂହ ମା, ମାଟି, ମଣିଷ ଓ ପ୍ରକୃତିର ଜୟଗାନ କରିଥାଏ। ତାଙ୍କ ସମଗ୍ର ରଚନାବଳୀକୁ କୁମାର କବି ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ନିମନ୍ତେ ସାହିତ୍ୟ ଏକାଡେମୀ ପଦକ୍ଷେପ ଗ୍ରହଣ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, କୁମାର କବି ଥିଲେ ସ୍ୱପ୍ନ, ସଂକଳ୍ପ, ସାଧନା ଓ ସଂଘର୍ଷର ମହାସିଦ୍ଧି। ଆନୁଷ୍ଠାନିକ ଶିକ୍ଷା ନ ଥାଇ ଜଣେ ଯେ ନିରୁତା ଗବେଷକ, ସଫଳ ଲେଖକ ଓ ମହାକବି ହୋଇପାରେ ତାହା ହିଁ ଆଜିର ସାହିତ୍ୟିକଙ୍କ ଆଗରେ କୁମାର କବି ହେଉଛନ୍ତି ପ୍ରେରଣାର କିମ୍ବଦନ୍ତୀ। କୁମାର କବିଙ୍କୁ ତାଙ୍କ ଅନନ୍ୟ ସାହିତ୍ୟ କୃତି ଓ ସମର୍ପିତ ସାମାଜିକ ତଥା ସାଂସ୍କୃତିକ ଜୀବନାଦର୍ଶ ନିମନ୍ତେ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବା ଆବଶ୍ୟକ ବୋଲି ହରିଚନ୍ଦନ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାସ, ସମାଜସେବୀ ବାବା ବିଭୂତି ଦାସ ମହାରାଜ, ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବସନ୍ତ ପ୍ରମୋଦ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଅଧିବକ୍ତା ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ କୁମାର କବି ସମ୍ମାନ ଚଳିତ ବର୍ଷ ନିମନ୍ତେ କବି ଓ ନାଟ୍ୟକାର ପ୍ରଫେସର ଡ. ହରିହର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସାମ୍ବାଦିକତା କ୍ଷେତ୍ରରେ ଗୁରୁକଲ୍ୟାଣ ମହାପାତ୍ରଙ୍କୁ ଉତ୍କଳ ସମ୍ବାଦ ରତ୍ନସମ୍ମାନ, କଣ୍ଠଶିଳ୍ପୀ ଗୀତା ଦାସଙ୍କୁ ଉତ୍କଳ ସଙ୍ଗୀତ ରତ୍ନ, ଯୁବ ବୈଜ୍ଞାନିକ ଡ. ଚିତ୍ତରଞ୍ଜନ ସାହୁଙ୍କୁ ଉତ୍କଳ ଯୁବ ରତ୍ନ, ମନୋଜ କୁମାର ରଥଙ୍କୁ ଉତ୍କଳ ସଂସ୍କୃତି ରତ୍ନ, ଦାମୋଦର ମହାନ୍ତିଙ୍କୁ ଉତ୍କଳ ସାହିତ୍ୟ ସଂଗଠନ ରତ୍ନ, ପାଲା କ୍ଷେତ୍ରରେ ସୁଦର୍ଶନ ମହାପାତ୍ରଙ୍କୁ ଗାୟକ ଶିରୋମଣି ଏବଂ ଚକ୍ରଧର ବାରିକଙ୍କୁ ଗାୟକ ସୌରଭ, ଲିମ୍‌କା ବୁକ୍ ରେକର୍ଡସ ଅଧିକାରୀ ବୟନଶିଳ୍ପୀ ଘନଶ୍ୟାମ ମେହେରଙ୍କୁ ବୟନ କଳାରତ୍ନ, ଅଜୟ କାନୁନଗୋଙ୍କୁ ବାଣିଜ୍ୟ ରତ୍ନ, ବାମଦେବ ସେଠଙ୍କୁ ଦଣ୍ଡକଳା ରତ୍ନ, ଆର୍ତ୍ତତ୍ରାଣ ସାହୁଙ୍କୁ କବି ସୌରଭ, ସ୍ୱରାଜ ମାନସିଂହଙ୍କୁ ଯୁବ ସୌରଭ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାଜସେବା ଲାଗି ଆଞ୍ଚଳିକ ସେବା ସଂଘକୁ ଉତ୍କଳ ସେବା ରତ୍ନ ଏବଂ ପାଇକ ଆଖଡ଼ା ପାଇଁ ମା' ବସନ୍ତାଇ ପାଇକ ଆଖଡ଼ା ସଂଘକୁ ଉତ୍ତରଦେଶ ସମରକଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ବନମାଳୀ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ କୁମାର କବିଙ୍କ ପୁଅ ଆଲୋକ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଫାଉଣ୍ଡେଶନର କୋଷାଧ୍ୟକ୍ଷ କଣ୍ଠଶିଳ୍ପୀ ସୁଶାନ୍ତ ପ୍ରଧାନ, ସମାଜସେବୀ ପ୍ରଜ୍ଞା ପରିମିତା ପଟ୍ଟନାୟକ, ସମୀର କୁମାର ପ୍ରଧାନ, ବିଜୟ କୁମାର ଜେନା, ତତ୍ତ୍ୱକବି ବିଭୁଦାସ ଭିକାରୀ ଜେନା, ସୁଶାନ୍ତ କୁମାର ଜେନା, କବି ସତ୍ୟପ୍ରିୟ ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ, ଉତ୍ତମ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଯୁଗଜ୍ୟୋତି ସାହିତ୍ୟ ସଂସଦ, ମାଣିକପାଟଣା ସାଂସ୍କୃତିକ ପରିଷଦ ଏବଂ ଆଞ୍ଚଳିକ ସେବା ସଂଘ ଅନୁଷ୍ଠାନଗୁଡ଼ିକ ସହଯୋଗ କରିଥିଲେ। ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।



ସମାରୋହରେ ଅତିଥିମାନେ 'ଶ୍ରୀରଘୁନାଥ ଚରିତାମୃତ' ପୁସ୍ତକକୁ ଲୋକାର୍ପଣ କରୁଛନ୍ତି ।

